THE COMMR. TRG., A. G. T. S.
7 DEC 1967
HIRAKUD, SAMBALPUR

ଓଡ଼ିଶା ସରକାର

A. O. T. S., HIRAKUD
No. 2-IV. 165-9.
LIBRARY

# କମ୍ପ୍ଲିସନ ରିପୋର୍ଟ ଚଠା ନକଲ

## ଜିଲ୍ଲା—ତିଗିରିଆ

ସନ୍ ୧୯୩୦ ମସିହା

354.54130
6726
T17-4130

ବୋର୍ଡ ଅଫ୍ ରେଭିନ୍ୟୁ, ଓଡ଼ିଶା କର୍ତ୍ତୃକ
ପ୍ରକାଶିତ
୧୯୬୭

307016

# କମ୍ପ୍ଲିସନ ରିପୋର୍ଟ ଟଠା

## ୧ ମ ଅଧ୍ୟାୟ

୧ । ଚୌହଦ୍ଦୀ ଓ କ୍ଷେତ୍ରଫଳ—ତିଗିରିଆ କିଲ୍ଲା ଓଡ଼ିଶା ପ୍ରଦେଶ ମଧ୍ୟରେ ସର୍ବ କନିଷ୍ଠ ଫିଉଡେଟାରୀ ଷ୍ଟେଟ ଥାଇ ତାହାର ଉତ୍ତର ଦିଗରେ କିଲ୍ଲା ଢେଙ୍କାନାଳ ଓ କିଲ୍ଲା ଆଠଗଡ଼, ଦକ୍ଷିଣରେ ଗଭର୍ଣ୍ଣମେଣ୍ଟ ଷ୍ଟେଟ୍, କିଲ୍ଲା ବାଙ୍କି ପୂର୍ବରେ ବାଙ୍କି ଓ କିଲ୍ଲା ଆଠଗଡ଼, ପଶ୍ଚିମରେ କିଲ୍ଲା ବଡ଼ାମ୍ବା ଓ ଢେଙ୍କାନାଳ ବିଦ୍ୟମାନ ।

ସନ ୧୯୩୦ ମସିହାରେ ହୋଇଥିବା ଏ କିଲ୍ଲାରେ ଟପୋଗ୍ରାଫିକାଲ ସର୍ଭେ ରକବା ବର୍ଗମାଇଲ ଅଟେ । ହାଲ ସେଟେଲମେଣ୍ଟ କିସ୍ତୱାର ସର୍ଭେ ରକବା ଏ ୨୮-୮୯୮-୨୮ କୁ ୪୫,୦୧ ବର୍ଗମାଇଲ ହୋଇଅଛି । ସେଥିମଧ୍ୟରେ ରିଜର୍ଭ ଫରେଷ୍ଟ ଗୋ ୨ ଟି ବ୍ଲକର ରକବା ଏ୩୫-୮୩-୫୨କୁ ୫-୬୦ ବର୍ଗ ମାଇଲ ପ୍ରୋଟେକ୍ଟେଡ୍ ଫରେଷ୍ଟ ଗୋ ୪ ଟି ବ୍ଲକର ରକବା ଏ୨୬-୫୮-୩୬କୁ ୪-୧୫ ବର୍ଗ ମାଇଲ ରିଜର୍ଭ ଓ ପ୍ରୋଟେକ୍ଟେଡ୍ ଫରେଷ୍ଟ ମଧ୍ୟଦେଇ କଟକ ସମ୍ବଲପୁର ସଡ଼କକୁ ଲାଗିଥିବା ସଡ଼କ ଏ୨୭-୫୨କୁ ୦-୦୪ ବର୍ଗମାଇଲ ଓ ବାଙ୍କ ଷ୍ଟେଟର ସମସ୍ତ ମୌଜାର ରକବା ଏ୨୨-୫୩, ୮-୮୮କୁ ୩୫-୨୨ ବର୍ଗ ମାଇଲ ଅଟେ । ଏ କିଲ୍ଲାର ବାଙ୍କି ଓ ବଡ଼ାମ୍ବା କିଲ୍ଲାର ସଲଗ୍ନ ଥିବା ସୀମାସବୁ ଉକ୍ତ କିଲ୍ଲାମାନଙ୍କର ମ୍ୟାପ ସହିତ ମେଳ କରାଯାଇ ଅଛି । ଆଠଗଡ଼ କିଲ୍ଲା ଓ ଢେଙ୍କାନାଳ କିଲ୍ଲା ସହିତ ଯେ ସୀମା ସଂଲଗ୍ନ ଅଛି । ତାହା ଉକ୍ତ ଦୁଇ କିଲ୍ଲାର ମ୍ୟାପ ସେଠାରୁ ଆସି ନଥିବାରୁ ଏ କିଲ୍ଲାର ସାବିକ ଦଖଲ ମତେ ସର୍ଭେ କରାଯାଇ ମ୍ୟାପ ପ୍ରସ୍ତୁତ ହୋଇଅଛି । ଢେଙ୍କାନାଳ କିଲ୍ଲା ସହିତ ଏ କିଲ୍ଲାର ଯେ ଅଂଶ ଫରେଷ୍ଟ ବ୍ଲକ ସଂଲଗ୍ନ ଅଛି ତହିଁର ଅତି ସାମାନ୍ୟ ରକବା ବିବାଦ ସ୍ଥାନ ଥିବାରୁ ଚଳିତ ବନ୍ଦୋବସ୍ତ ସମୟ ମଧ୍ୟରେ ନାନା ଅସୁବିଧା କାରଣ ବଶତଃ ତାହା ଉଭୟ ପକ୍ଷ ମଧ୍ୟରେ ଆପସି ମୀମାଂସା ହେବାର ପ୍ରସ୍ତାବ ଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ନିଷ୍ପତ୍ତି ହୋଇ ପାରି ନାହିଁ । ଉକ୍ତ ବିବାଦ ଅଂଶର ରକବା ଏ୧୬-୦୦ ମାତ୍ର ଥିବାରୁ ତାହା ଏଥି ସହିତ ପଠାଯାଉଥିବା କିଲ୍ଲା ମୁଜ ମୁଲ ମ୍ୟାପ ଛୋଟ ସ୍କେଲରେ ଦେଖାଇ ଦିଆଯାଇ ପାରୁନାହିଁ ।

୨ । ପ୍ରାକୃତିକ ଗଠନ—ଏ କିଲ୍ଲାର ଉତ୍ତର ତରଫରେ ଥିବା ଛନିଗଡ଼ ପ୍ରଗଣା ଓ ଦକ୍ଷିଣ ମଧ୍ୟଖଣ୍ଡ ପ୍ରଗଣା ମଧ୍ୟରେ ଥିବା ରିଜର୍ଭ ଓ ପ୍ରୋଟେକ୍ଟେଡ ଫରେଷ୍ଟ ମଧ୍ୟରେ ଯେ ସବୁ ପାହାଡ଼ ଶ୍ରେଣୀ ବିଦ୍ୟମାନ ଅଛି, ତହିଁମଧ୍ୟରେ ରାଣୀପାଳ ପାହାଡ଼, ଯୋରଷ ପାଳରେ ବଡ଼ରଗଡ଼ ଦିଗ ମୁଣ୍ଡିଆ ଓ ଶିଶୁମୁଣ୍ଡିଆ ପାହାଡ଼ ପ୍ରଧାନ ଅଟେ, ଏ ବାଦ କେତେକ ଛୋଟ ଛୋଟ ପାହାଡ଼ ମଧ୍ୟ ଅଛି । ନଦୀ ଓ ନାଳ ମଧ୍ୟରେ ଷ୍ଟେଟର ଦକ୍ଷିଣ ଦିଗ ବାଙ୍କି କିଲ୍ଲା ସଲଗ୍ନରେ ମହାନଦୀ ପଶ୍ଚିମରୁ ପୂର୍ବଦିଗକୁ ପ୍ରବାହିତ, ଗନ୍ଧର୍ବା ନାମକ ଗୋଟିଏ ଯୋର ଏ କିଲ୍ଲା ମଧ୍ୟରେ ପଶ୍ଚିମରୁ ପୂର୍ବକୁ ବାଙ୍କି କିଲ୍ଲା ମଧ୍ୟଦେଇ ମହାନଦୀ ସହିତ ମିଶିଅଛି । ଉତ୍ତର ଦିଗରେ ସାପୁଆ ଓ ବେଙ୍ଗାନାମକ ନାଳ ପ୍ରବାହିତ । ଫରେଷ୍ଟ ମଧ୍ୟରେ ବଡ ଯୋର ଓ ମାଙ୍କଡ କେନ୍ଦୁନାଳ ନାମ ଉଲ୍ଲେଖ ଯୋଗ୍ୟ, ଉପରୋକ୍ତ ନଦୀ ଯୋର ଓ ନାଳ ମଧ୍ୟରେ କେବଳ ଗନ୍ଧର୍ବା ଯୋରରେ ଆଂଶିକ ସ୍ଥାନମାନଙ୍କରେ ଗ୍ରୀଷ୍ମ ଋତୁରେ ଜଳ ରହେ । ବାକି ଯୋରରେ ଗ୍ରୀଷ୍ମ ସମୟରେ ଶୁଷ୍କଥାଏ, ଏ ଷ୍ଟେଟରେ ଭୂମି ଉତ୍ତରାଂଶ ଉଚ୍ଚାଥାଇ ଦକ୍ଷିଣ ତରଫରେ ଥିବା ଗନ୍ଧର୍ବା ଯୋର ପର୍ଯ୍ୟନ୍ତ ଭୂମିର ପତନ କ୍ରମ ନିମ୍ନ ଓ ସେଠାରୁ କ୍ରମେ ଦକ୍ଷଣକୁ ମହାନଦୀ ପର୍ଯ୍ୟନ୍ତ ଭୂମି ସମତଳ, ଏହାର ଭୂମିସବୁ ଦହିଆ, ଖଲା, ଦୋରସା, ତେଲବାଲିଆ, ତଉରଙ୍ଗ ମଟାଳ କଲାଖଲା, ଗେଙ୍ଗୁଟିଆ ଓ ଗୋଡ଼ିଆ ଜମି ଅଟେ ।

୩ । ଯାତାୟତର ସୁବିଧାପାଇଁ ରାସ୍ତା—ଏ କିଲ୍ଲାର ଉତ୍ତର ଅଂଶରେ କଟକ ସମ୍ବଲପୁର ପୁରୁଣା ରୋଡ଼ ଯାଇଅଛି । ତାହାର ଦୈର୍ଘ୍ୟ ମା ୧ ଇଲ ଅଟେ । ଉକ୍ତ ରୋଡ଼ରୁ ବଡ଼ାମ୍ବା ତରଫକୁ ଯାଇଥିବା ରାସ୍ତାର ଦୈର୍ଘ୍ୟ ମା ୧୦ ଇଲ ଓ ବଡ଼ାମ୍ବା, ଢେଙ୍କାନାଳ ରାସ୍ତାରୁ ଆଠଗଡ଼ ରେଲ ଷ୍ଟେସନ ରାଜଆଠଗଡ଼କୁ ଯାଇଥିବା ରାସ୍ତାର ଅଂଶ ମା ୧ ଇଲ ଝମା ପଥର ଦିଆଯାଇ ମୁରମ କରାଯାଇଅଛି । କେବଳ ବଡ଼ାମ୍ବା-ଢେଙ୍କାନାଳ ରାସ୍ତାର ନିଜଗଡ଼ ରାଜବାଟିକୁ ପ୍ରସ୍ତୁତ ହୋଇଥିବା ରାସ୍ତା ମା ୧ ଇଲ ଓ କୁମ୍ପୁଟ ମୌଜାକୁ ତିଆର ହୋଇଥିବା ସଡ଼କ ରାସ୍ତା ମା ୧/୨ ଇଲ କଚ୍ଚା ସଡ଼କ ଅଟେ । ବଡ଼ମ୍ବାଠାରୁ ନିଜଗଡ଼ ସୀମା ଦେଇ ଆଠଗଡ଼କୁ ଯାଇଥିବା ସଡ଼କ ରାସ୍ତା ଝମାପଥର ଦିଆଯାଇ ମୁରମ୍ କରାଯାଇଥିଲେ ସୁଦ୍ଧା ଉକ୍ତ ରାସ୍ତା ରାଜଆଠଗଡ଼ ରେଲ ଷ୍ଟେସନକୁ ଯାଇଥିବାରୁ ବର୍ଷା ସମୟ ବ୍ୟତୀତ ଅନ୍ୟ ସମୟରେ ରେଲ ଷ୍ଟେସନକୁ ସର୍ଭିସ୍ ମଟର ଗତାୟତ କରେ । ଉକ୍ତ ରାସ୍ତାରେ ତିଗିରିଆ ଓ ଆଠଗଡ଼ କିଲ୍ଲାମଧ୍ୟସ୍ଥ କେତେକ ଅଂଶରେ କ୍ଷୁଦ୍ର କ୍ଷୁଦ୍ର ଝରଣା ଓ ନାଳ ସ୍ଥାନରେ ପକ୍କା ପୋଲ କମ୍ବା କଜୱେ ନ ଥିବାରୁ କାଠ ପୋଲ ସକାଶେ ବର୍ଷା ଋତୁରେ ସର୍ଭିସ୍ ମଟର ଯାତାୟତ କରେନାହିଁ । ଏ ବାଦ ଗ୍ରାମ୍ୟରାସ୍ତା ସବୁଅଛି । ଗତ ବନ୍ଦୋବସ୍ତଠାରୁ ବଡ଼ମ୍ବାରେ କଟକ-ସମ୍ବଲପୁର ପୁରୁଣା ସଡ଼କକୁ ଯାଇଥିବା ରାସ୍ତାରେ ଅଠଗଡ଼ କିଲ୍ଲା ଦେଇ ରେଲ ଷ୍ଟେସନକୁ ଯାଇଥିବା ରାସ୍ତା ଅଂଶ ମାଇଲ ନୂତନ ତିଆରହୋଇ ମୁରମ୍ କରାଯାଇ ଅଛି । ବଡାମ୍ବା-ଢେଙ୍କାନାଳ ରାସ୍ତାରେ କୁମ୍ପୁଟ ମୌଜାକୁ ଯାଇଥିବା ରାସ୍ତା ମା ୧/୨ ଇଲ କଚ୍ଚା ସଡ଼କ ନୂତନ କରାଯାଇ ବଡ଼ାମ୍ବା-ଢେଙ୍କାନାଳ ରାସ୍ତା ବେଶୀ ପ୍ରସାର କରାଯାଇ ମୁରମ୍ ହୋଇଅଛି । ରାଣୀ ସୀମା ଓ ପାଞ୍ଚଗାଁ ମୌଜାମାନଙ୍କ ନିକଟରେ ଦୁଇଟି କଜୱେ ପ୍ରସ୍ତୁତ ହୋଇଅଛି । ଏ କିଲ୍ଲା କ୍ଷୁଦ୍ରାୟତନ ଯୋଗେ ଆୟ କମିଥିବାରୁ ରାସ୍ତାର ଆବଶ୍ୟକୀୟ ପକ୍କା କଲଭର୍ଟ ଓ କଜୱେ କରାଯାଇ ପାରୁନାହିଁ । ଉପରୋକ୍ତ ଢେଙ୍କାନାଳ-ବଡମ୍ବା ସଡ଼କ ରାସ୍ତା ପାର୍ଶ୍ୱରେ ନିଜଗଡଠାରେ ଗୋଟିଏ ଡାକବଙ୍ଗଲା ଅଛି । ତିଗିରିଆଗଡ଼ଠାରୁ ରାଜଆଠଗଡ଼ ରେଲଷ୍ଟେସନ ମା ୧୯ ଇଲ ଅଟେ ।

୪ । ଜଳସେଚନ—ଏ କିଲ୍ଲାରେ ଜଳସେଚନପାଇଁ ଯେ ସବୁନାଳ, ପୁଷ୍କରଣୀ, ବନ୍ଧ ଓ କୂଅ ଆଦି ଅଛି । ତହିଁରେ ଅଳ୍ପପରିମାଣରେ ଜଳସେଚନ କାର୍ଯ୍ୟ ହୁଏ । ରିଜର୍ଭ ଓ ପ୍ରୋଟେକ୍ଟେଡ୍ ଫରେଷ୍ଟ ମଧ୍ୟରେ ଥିବା ପାହାଡ଼ ଆଦି ଯେ ସବୁନାଳ ଦକ୍ଷିଣ ଓ ଉତ୍ତର ଦିଗକୁ ଅଛି ବର୍ଷା ସମୟରେ ସେହିସବୁନାଳରେ ଆସୁଥିବା ଜଙ୍ଗଲିଆ ପାଣିକୁ ପ୍ରଜାମାନେ ସ୍ଥାନେ ସ୍ଥାନେ ଟେକି ବନ୍ଧକରି ସେମାନଙ୍କ କୃଷିଜମିକୁ ଜଳ ଅଭାବ ସମୟେ ନିଅନ୍ତି । ଅତି ମଧ୍ୟ କେତେକ ଜମିରେ ଉକ୍ତ ଜଳ ମାଡେ । ଯେ, ଯେ ମୌଜାରେ ଜଳସେଚନ ପାଇଁ ବନ୍ଧସବୁ ଅଛି । ତାହା କ୍ରମେ ପୋତି ହୋଇଯାଉଥିବାରୁ ତହିଁରେ ଜଳ ଜମିପିବା ଦ୍ୱାରା ଧାନ ଜମି ମରୁଡ଼ି ସମୟରେ ବେଶୀ ରକବା ଜଳ ସେଚନ ଦ୍ୱାରା ଆବାଦ କରି ଫସଲ ଆମଦାନି କରିବା ଉପାୟ ନାହିଁ । ରୟତମାନେ ସେଥିନିମନ୍ତେ ସେମାନଙ୍କ କର୍ତ୍ତବ୍ୟ ଅନୁସାରେ କୂଅ ଖୋଳି ତଦ୍ୱାରା ଓ ଯେ ସବୁବନ୍ଧ ରାଜସରକାରଙ୍କର

ଅଛି, ତହିଁର ଅନୁମତି ନେଇ ସେ ଜଳଦ୍ୱାରା ଆଖୁ ଓ ଅନ୍ୟାନ୍ୟ ପଚାଶରବା ଫସଲ କରନ୍ତି । ସେ, ସେ ବନ୍ଧର ଅନୁମତି ନେଇ ଯେତେ ଜମିରେ ପ୍ରଜାମାନେ ଜଳ ମଡ଼ାନ୍ତି ତହିଁ ସକାଶେ ଯାହା କିଛି କିଛି ଶୁଳ୍କ ଦଅନ୍ତି ତଦ୍ୱାରା ସେ ବନ୍ଧର ଘାଇ ମରାମତି ଓ ବନ୍ଧରୁ ମାଟି ଖୋଳାହୁଏ । କିନ୍ତୁ ଏ କାର୍ଯ୍ୟର ଉନ୍ନତି କରିବାପାଇଁ ଷ୍ଟେଟ୍‌ର ଆୟ କମ୍ ଥିବାରୁ ତହିଁରେ ବେଶୀ କିଛି କାର୍ଯ୍ୟ କରିପାରୁ ନାହିଁ । ଏ ଜିଲ୍ଲାରେ ପୂର୍ବେ ଜଳସେଚନ ପାଇଁ ଗୋଟିଏ ଚେକବନ୍ଧ ଆକାରରେ ବଡ଼ବନ୍ଧ ପାଠ ନାମକ ଏକ ବୃହତ ଜଳ ଭଣ୍ଡାର ଥିଲା । ତହିଁ ନିକଟବର୍ତ୍ତୀରେ ଥିବା ମୌ ୭।୮ ଗାର ଡାହୁଅ ଜମିରେ ଡାହୁଅ ଧାନ ଓ ଅନ୍ୟାନ୍ୟ ବାଳେ ଫସଲ ଅର୍ଥାତ୍ ଜଡ଼ା, ସୋରିଷ, ବାଇଗଣ ଓ ଗହମ ଆଦି ଫସଲ କରାଯାଉଥିଲା । ଆଜକୁ ବ ୪୦।୪୫ ବର୍ଷ ହେଲା ଉକ୍ତ ବନ୍ଧ ଥିଲା । ଯେ ଜଳାଶୟ ନିକଟବର୍ତ୍ତୀ ଜମିରେ ଡାହୁଅ ଧାନ ପରିବର୍ତ୍ତେ ବାର ଫସଲ ହେଉଅଛି । ଭେଜଅ ମୌଜା ସଲଗ୍ନରେ ଥିବା ବାରମାଣ ନାମକ ସ୍ଥାନରେ ମଧ୍ୟ ଗୋଟିଏ ନୂତନ ବନ୍ଧ ତିଆର ହେଲେ ତଦ୍ୱାରା ମୌ ୯୦।୯୬ ଗାର ଜମିକୁ ଜଳମାଡ଼ିବ । ଏ ସବୁ କାର୍ଯ୍ୟ ଚଳିତ ସେଟେଲ୍‌ମେଣ୍ଟ ଶେଷରେ ନୂତନ ଖଜଣା ଆଦାୟ ହେଲେ ବ ୫ ବର୍ଷ ମଧ୍ୟରେ ପ୍ରଜାମାନଙ୍କ ସାହାଯ୍ୟ ଓ ଷ୍ଟେଟ ଦେୟରେ କରିବାପାଇଁ ପ୍ରସ୍ତାବ ଅଛି । ବର୍ତ୍ତମାନକୁ ଯେତେ ଜମି ଜଳସେଚନ ଦ୍ୱାରା ଆବାଦ ହେଉଅଛି, ତହିଁର କ୍ରମରେ ପ୍ରଦତ୍ତ ହେଲା ।

| | | | | |
|---|---|---|---|---|
| ଏକକା ବୃତ୍ତି | ୧ | ଏକାଧିକ ଗ୍ରାମର ମୋଟ ନିମନ୍ତେ ସମସ୍ତ ଜମିର ମୋଟ ମୌଜା | | |
| ଅଧୀନ | ୨ | ଦ୍ୱେତ୍ତେଲ | ଏ: ଡି: | : |
| ଜମିର | ୩ | ମଗ୍ଣୁରଣ | ଏ: ଡି: | : |
| | ୪ | ଭିଟ | ଏ: ଡି: | : |
| ପରିମାଣ | ୫ | ଅନ୍ୟାନ୍ୟ ଫସଲ ଯଥା—ଆମ୍ବ, ଗୁ, ପାନ, କଦଳୀ, ପିଜଳ ଇତ୍ୟାଦି ଯେଉଁ ସବୁ ଗଛରେ ଉତ୍ପନ୍ନ ହୁଏ | ଏ: ଡି: | : |
| | ୬ | ମୋଟ | ଏ: ଡି: | : |
| | ୭ | ଦୋଫସଲି | ଏ: ଡି: | : |
| | ୮ | ନିଟ ଆବାଦ ଜମିର ପରିମାଣ | ଏ: ଡି: | : |
| ଚାଷ ପଡ଼ିଆ ଓ ବନ ଅନ୍ୟ ସେହି ଭୂମି ଚାଷର ପରିମାଣ, | ୯ | ହାଲ ପଡ଼ିଆ ଭୂମି | ଏ: ଡି: | : |
| | ୧୦ | ପୁରୁଣା ପଡ଼ିଆ ଭୂମି | ଏ: ଡି: | : |
| | ୧୧ | ଯହିଁରେ ଫସଲ ହୁଏ ନାହିଁ ଏପରି ବଗାଯୁକ୍ତ ବାଡ଼ିଁଶ | ଏ: ଡି: | : |
| | ୧୨ | ଆବାଦଯୋଗ୍ୟ ଜଙ୍ଗଲ | ଏ: ଡି: | : |
| | ୧୩ | ଅନ୍ୟାନ୍ୟ ପ୍ରକାର ଯୋଗ୍ୟ ଭୂମି | ଏ: ଡି: | : |
| | ୧୪ | ମୋଟ | ଏ: ଡି: | : |
| ସେହି ଭୂମି ଆବାଦ ଅଯୋଗ୍ୟ ଅବସ୍ଥାରେ ଅଛି | ୧୫ | ବାସଭୂମି | ଏ: ଡି: | : |
| | ୧୬ | ଜଳାଶୟ | ଏ: ଡି: | : |
| | ୧୭ | ଅବାଦ ଅଯୋଗ୍ୟ ଅନ୍ୟାନ୍ୟ ପ୍ରକାର ଭୂମି | ଏ: ଡି: | : |
| | ୧୮ | ମୋଟ | ଏ: ଡି: | |

ବିଭିନ୍ନ ଜେଲା

I

| | | | | |
|---|---|---|---|---|
| ଜମିର ପରିମାଣ | ୧୯ | ମୋଟ ଅବାଦ ଭୂମି ୨+୧୪+୧୮ | ଏ: ଡି: | : |
| | ୨୦ | ମୋଟ ଭୂମିର ପରିମାଣ ୮+୧୯ | ଏ: ଡି: | : |
| ଯେଉଁ ପ୍ରକାର ଭୂମିରେ ଯେଉଁ ପ୍ରକାର ଜଳ ସେଚନ କରାଯାଏ | ୨୧ | ଯେଉଁ ଭୂମିରେ ଜଳ ସେଚନ କରାଯାଏ ତହିଁର ପରିମାଣ | ଏ: ଡି: | : |
| | ୨୨ | ଯେଉଁ ଭୂମିରେ କୂପରୁ ଜଳସେଚନ କରାଯାଏ ତହିଁର ପରିମାଣ | ଏ: ଡି: | : |
| | ୨୩ | ଯେଉଁ ଭୂମିରେ ସରକାରୀ ନାଳରୁ ଜଳ ସେଚନ କରାଯାଏ ତହିଁର ପରିମାଣ | ଏ: ଡି: | : |
| | ୨୪ | ଯେଉଁ ଭୂମିରେ ବେସରକାରୀ ନାଳରୁ ଜଳ ସେଚନ କରାଯାଏ ତହିଁର ପରିମାଣ | ଏ: ଡି: | : |
| | ୨୫ | ଯେଉଁ ଜମିରେ ପୁଷ୍କରଣୀ ଓ ଖାଲରୁ ଜଳ ସେଚନ କରାଯାଏ ତହିଁର ପରିମାଣ | ଏ: ଡି: | : |
| | ୨୬ | ଅନ୍ୟାନ୍ୟ ଜଳ ସେଚନ କରାଯାଇଥିବା ଭୂମିର ପରିମାଣ | ଏ: ଡି: | : |
| ଯେଉଁ ଭୂମିରେ ଜଳ ସେଚନ କରାଯାଏ ତହିଁର ଫସଲ ଅନୁଯାୟୀ ଶ୍ରେଣୀ ବିଭାଗ | ୨୭ | ଧାନ | ଏ: ଡି: | : |
| | ୨୮ | ଗହମ | ଏ: ଡି: | : |
| | ୨୯ | ଅନ୍ୟାନ୍ୟ ଦାନା ଓ ରବ | ଏ: ଡି: | : |
| | ୩୦ | ଅନ୍ୟାନ୍ୟ ଖାଦ୍ୟ ଶସ୍ୟ | ଏ: ଡି: | : |
| | ୩୧ | ଯେଉଁ ଫସଲ ଖାଦ୍ୟ ନିମିତ୍ତ ବ୍ୟବହୃତ ହୁଏ ତହିଁର ପରିମାଣ | ଏ: ଡି: | : |
| ଦ୍ୱି ଫସଲୀ | ୩୨ | ପକ୍ୱା | ଏ: ଡି: | : |
| | ୩୩ | କଗୁ | ଏ: ଡି: | : |
| | ୩୪ | ମନ୍ତବ୍ୟ | | |

୫ । ବୃଷ୍ଟି—ଏ କିଲ୍ଲାରେ ସାଧାରଣତଃ ଜୁନ ମାସ ତା ୧୫ ରିଖଠାରୁ ଅକ୍ଟୋବର ମାସ ଶେଷ ପର୍ଯ୍ୟନ୍ତ ବୃଷ୍ଟି ହୋଇଥାଏ । ଏଠାରେ ବର୍ଷାର ପରିମାଣ ଜାଣିବା ନିମନ୍ତେ ପୂର୍ବେ ରେନ୍‌ଗଜ ନ ଥିଲା । ସନ୍ ୧୯ ମସିହାଠାରୁ ଉକ୍ତ ରେନ୍‌ଗଜ ତିଆର କରାଯାଇ ବର୍ଷାର ପରିମାଣ ପ୍ରତି ସନ ରିପୋର୍ଟ କରାଯାଉଅଛି । ତହିଁରେ ଯେଉଁ ସନ ଯେତେ ବର୍ଷା ହୋଇଅଛି ତାହାର ପରିମାଣ ନିମ୍ନରେ ପ୍ରଦତ୍ତ ହେଲା—

ବର୍ଷାର ପରିମାଣ

ସନ୍ ସନ୍
ସନ୍ ସନ୍
ସନ୍

୬ । ଜଳବାୟୁ—ଏ କିଲ୍ଲାର ଜଳବାୟୁ ଉତ୍ତମ ଥିବାରୁ ସାଧାରଣଙ୍କର ସ୍ୱାସ୍ଥ୍ୟ ଭଲ ଅଟେ । କେବଳ ନିଜଗଡ଼ ସଲଗ୍ନରେ ଜଙ୍ଗଲ ଥିବାରୁ ସାମୟିକ ନିଜଗଡ଼ ବାସିନ୍ଦା ଲୋକଙ୍କୁ ମେଲେରିଆ ଜ୍ୱର ଆକ୍ରାନ୍ତ ହୋଇଥାଏ । ଅନ୍ୟାନ୍ୟ ମଫସଲ ପ୍ରଜାମାନଙ୍କ ସ୍ୱାସ୍ଥ୍ୟ ଉତ୍ତମ ଅଟେ ।

୭ । ସହର ଓ ହାଟ—ଏ କିଲ୍ଲାରେ ଥିବା ନିଜଗଡ଼ ମୌଜା ଗୋଟିଏ କ୍ଷୁଦ୍ରତମ ନଗରୀ ଅଟେ । ଏଥିରେ ରାଜବାଟୀ, ରାଜଖମାର, ରାଜକଚେରୀ, ଫରେଷ୍ଟ ଅଫିସ, ଥାନା, ଅବକାରୀ ଦୋକାନ, ଜେଲଖାନା, ପୋଷ୍ଟଅଫିସ, ମାଇନର ସ୍କୁଲ, କାଞ୍ଜିହାଉସ, ଡାକବଙ୍ଗଲା ଓ ୧୨ଟି କ୍ଷୁଦ୍ର ଦୋକାନ ଓ ଷ୍ଟେଟ ତରଫରୁ ଗୋଟିଏ ଗୋଦାମ ଅଛି । ଗତ ବନ୍ଦୋବସ୍ତ ପରେ ଏଠାରେ ମାଇନର ସ୍କୁଲ ଓ ପୋଷ୍ଟ ଅଫିସ କରାଯାଇଥିବାରୁ ସାଧାରଣଙ୍କର ବିଶେଷ ସୁବିଧା ହୋଇଅଛି । ମଧ୍ୟ ଗତ ବନ୍ଦୋବସ୍ତ ପରେ ରାଜକଚେରୀ, ଜେଲଖାନା, ରାଜବାଟୀ ଘର ଆଦି ପକ୍କା କରାଯାଇ, ରାଜଆଠଗଡ଼ ରେଲ ଷ୍ଟେସନଠାରୁ ନିଜଗଡ଼ ଦେଇ ବଡ଼ାମ୍ବା ବାଟେ ନରସିଂହପୁର ପର୍ଯ୍ୟନ୍ତ ଟେଲିଫୋନ ତାର ବସା ଯାଇଥିବାରେ ବିଶେଷ ସୁବିଧା ହୋଇଅଛି । ରାସ୍ତା ଭଲରୂପେ ମରାମତି କରାଯାଇ ବଗିଚା ମଧ୍ୟସ୍ଥ ପୁଷ୍କରଣୀ ଦୁଇଟି ଖୋଳାଯାଇ ଅଛି ଓ ପୋଖରୀ ସାହି ବନ୍ଧର ପଥର ପାହାଚ କରାଯାଇ ଅଛି । ନିଜଗଡ଼ ବସ୍ତି ପୂର୍ବ ଅପେକ୍ଷା ବର୍ତ୍ତମାନକୁ ଘନବସ୍ତି ହୋଇଥିବାରୁ ଉତ୍ତର ତରଫରେ ଗୋଟିଏ ନୂତନ ସଡ଼କ ପ୍ରସ୍ତାବ କରାଯାଇ ତହିଁର ଉତ୍ତର ପାର୍ଶ୍ୱରେ ଆଉ ଗୋଟିଏ ନୂତନ ବସ୍ତି ପାଇଁ ବାସିନ୍ଦା ଲୋକଙ୍କୁ ଘରବାଡ଼ୀ ସକାଶେ ସ୍ଥାନ ଦିଆଯାଇ ଥିବାରେ ଘରବାଡ଼ୀ ବୃଦ୍ଧି ହେବା ଦ୍ୱାରା ଲୋକମାନଙ୍କର ଚଳାଚଳ ଓ ସ୍ୱାସ୍ଥ୍ୟ ଉତ୍ତମ ହେବାର ଆଶା କରାଯାଏ । ନିଜଗଡ଼ରେ ମଫସଲସ୍ଥ ବ୍ୟବସାୟୀମାନେ ପନିପରିବା ଆଦି ଆଣି ସାମୟିକ ବିକାକିଣା କରିଥାନ୍ତି । ସେଥିପାଇଁ ପକ୍କା ଫ୍ଲୋରିବରେ ଗୋଟିଏ ମେଲା ଘର ତିଆର କରାଗଲେ ପ୍ରତ୍ୟେହ ସନ୍ଧ୍ୟା ସମୟକୁ ଅନ୍ୟାନ୍ୟ ଗଡ଼ଜାତର ନିଜଗଡ଼ ଫୁଲ ଫଳ ହାଟପରି ଗୋଟିଏ ହାଟ କରାଯିବା ପ୍ରସ୍ତାବ ଅଛି । ଏ କିଲ୍ଲାରେ ମଧ୍ୟ ବାନ୍ଧାଣିମା ମୌଜାରେ ଗୋଟିଏ କ୍ଷୁଦ୍ର ହାଟୁଲି ପ୍ରତି ରବିବାର ଓ ବୁଧବାର ଦିନ ସକାଳ ଘ ୭ ଣ୍ଟାଠାରୁ ଦିବା ଘ ୧୨ଣ୍ଟା ପର୍ଯ୍ୟନ୍ତ ବସେ । ଏ ଷ୍ଟେଟକୁ ଢେଙ୍କାନାଳ କିଲ୍ଲାସ୍ଥ ଓ୍ୟାଉଖମା ଓ ଶଙ୍କରପୁର, ଆଠଗଡ଼ କିଲ୍ଲାସ୍ଥ କନ୍ତୋଲ, ବାଙ୍କି କିଲ୍ଲାସ୍ଥ ଚର୍ଚ୍ଚିକା ଓ ବଡ଼ମ୍ବା କିଲ୍ଲାସ୍ଥ ମାଣିଆବନ୍ଧ ହାଟ ସବୁ ନିକଟବର୍ତ୍ତୀ ଥିବାରୁ, ସେସବୁ ହାଟରେ ଲୋକମାନେ କିଣାବିକା କରନ୍ତି ।

୮ । ଲୋକସଂଖ୍ୟା ଓ ଜାତି ବିଭାଗ—ସନ୍ ୧୯୩୦।୩୧ ମସିହା ସେନସସ୍‌ରେ ଏ କିଲ୍ଲାର ଲୋକସଂଖ୍ୟା ୨୪,୮୨୨ ଥିଲା । ସେଥିମଧ୍ୟରୁ ପୁରୁଷ ସଂଖ୍ୟା ୧୨,୧୪୧ ଓ ସ୍ତ୍ରୀ ସଂଖ୍ୟା ୧୨,୭୮୧ ଅଟେ । ଏଠାରେ ବ୍ରାହ୍ମଣ, କ୍ଷେତ୍ରୀୟ, କରଣ, ମୁସଲମାନ, ଚଷା, ଓଡ଼ପଧାନ, ଗୁଡ଼ିଆ, ତେଲି, ତନ୍ତି, ସରାଳ, ଗଉଡ଼, ପାଠରା, ଖଣ୍ଡୁରା, ବଢ଼େଇ, କମାର, ଭଣ୍ଡାରୀ, ବଣିଆ, କେଉଟ, କଂସାରୀ, ବାଉରୀ, ଛଅଁଳା, ସହର, ପାଣ, ହାଡ଼ୀ, ଚମାର ଓ ଡମ ଆଦି ବାସ କରନ୍ତି । ସନ୍ ୧୯୨୦।୨୧ ମସିହା ସେନସସ୍‌ରେ ଲୋକସଂଖ୍ୟା ଥିବା ସ୍ଥଳେ ହାଲକୁ ହୋଇଥିବାରୁ ବୃଦ୍ଧି ହୋଇଅଛି ।

୯ । ଏ କିଲ୍ଲା ଗତ ରିଭିଜନ ସେଟେଲମେଣ୍ଟ ସନ୍ ୧୯୧୧।୧୨ ମସିହାରେ କରାଯାଇ ୧୫ ବର୍ଷ ମିଆଦ ସନ୍ ୧୯୨୭ ମସିହାରେ ଶେଷ ହୋଇଥିବାରୁ ମହାମାନ୍ୟବର ଶ୍ରୀଯୁକ୍ତ ପୋଲିଟିକାଲ ଏଜେଣ୍ଟ ଓ କମିଶନର ସାହେବ ବାହାଦୁରଙ୍କର ନ ୧୮୬୯ E. G. ସ୍ମାରକ ତା ୨୩-୧୧-୧୯୩୦ ରିଖର ଚିଠି ମଞ୍ଜୁର ମତେ ତା ୧-୧-୧୯୩୧ ରିଖରେ ସେଟେଲମେଣ୍ଟ ଆରମ୍ଭ କରାଯାଇ ଅଛି । ଅର୍ଥର ଅଭାବ ଯୋଗେ ସେଟେଲମେଣ୍ଟ ଠିକ ସମୟ ମଧ୍ୟରେ କରାଯାଇ ପାରି ନ ଥିଲା ।

୧୦ । ଏ କିଲ୍ଲା ଗତ ବନ୍ଦୋବସ୍ତରେ ତିନିଗୋଟି ପ୍ରଗଣା—ଯଥା— ତିନଗଡ଼, ମଧ୍ୟଖଣ୍ଡ ଓ କୁଲାଟରେ ବିଭକ୍ତ କରାଯାଇଥିବାରେ ତାହା ହାଲ ବନ୍ଦୋବସ୍ତରେ ସେହି ପ୍ରକାରେ ରଖାଯାଇ ଅଛି । ଯେ, ଯେ ପ୍ରଗଣାରେ, ସାବିକରେ ଯେତେ ମୌଜା ଥିଲା ହାଲକୁ ଯେତେ ମୌଜା ହୋଇଅଛି, ତାହା ନିମ୍ନରେ ଉଲ୍ଲେଖ କରାଗଲା—

| ତରତିବ ନମ୍ବର | ପ୍ରଗଣାର ନାମ | ଗତ ବନ୍ଦୋବସ୍ତ ମୌଜା ସଂଖ୍ୟା | ହାଲ ବନ୍ଦୋବସ୍ତ ମୌଜା ସଂଖ୍ୟା | ମନ୍ତବ୍ୟ |
|---|---|---|---|---|
| ୧ | ୨ | ୩ | ୪ | ୫ |
| ୧ | ତିନଗଡ଼ .. | ୪ | ୪ | |
| ୨ | ମଧ୍ୟଖଣ୍ଡ .. | ୨୭ | ୨୨ | |
| ୩ | କୁଲାଟ .. | ୧୭ | ୧୭ | |

ଉପରୋକ୍ତ ମଧ୍ୟଖଣ୍ଡ ପ୍ରଗଣା, କାଜଗଡ଼, ମୌଜାରୁ ବାସଗୃହ କରି ରହିଥିବା ଗୋଟିଏ ପ୍ରଜାବସତି ନୂଆବାଗ ରକବା ପୃଥକ କରାଯାଇ-ଥିବାରେ ମଧ୍ୟଖଣ୍ଡ ପ୍ରଗଣାର ମୌଜା ସଂଖ୍ୟା ୨୬ ସ୍ଥଲେ ୨୭ ହୋଇଅଛି । ଏ କଲ୍ଲସ୍ଥ ସମସ୍ତ ମୌଜା ଛପର ଅଟେ ।

୧୧ । ମୌଜାର ଶ୍ରେଣୀ ବିଭାଗ—ଗତ ବନ୍ଦୋବସ୍ତରେ ଏ କଲ୍ଲସ୍ଥ ମୌଜାମାନ ଶ୍ରେଣୀ ବିଭାଗ କରାଯାଇ ନ ଥିଲା । ହାଲ ବନ୍ଦୋବସ୍ତରେ ଜମିର ଉର୍ବରତା ପତନ ପ୍ରାକୃତିକ ଜଙ୍ଗଲ ଜମିରୁ ଜଳ ମାଡ଼ିବା, ବନ୍ୟାଜଳ ଓ ବନ୍ୟଜନ୍ତୁ ଦ୍ୱାରା ନଷ୍ଟ ବାଳୁତର ଓ ଢିପ ଆଦି ଦୃଷ୍ଟିରେ ଶ୍ରେଣୀ ବିଭାଗ କରାଯାଇ ତିନ ଶ୍ରେଣୀରେ ବିଭକ୍ତ କରାଯାଇ ଅଛି ଯଥା—

ପ୍ରଥମ ଶ୍ରେଣୀ—ଯେଉଁ ମୌଜାମାନଙ୍କର ଜମିର ପତନ ଗଭୀର ଓ (ଲେଭୁଲ) ସମତଳ ସାଧାରଣତଃ ସେଥିରେ ଜଙ୍ଗଲ ଜମିର ଖାରା ପାଣି ମାଡ଼େ, ମାଟିର ଉର୍ବରତା ବେଶି ବନ୍ୟା ଜଳଦ୍ୱାରା ଫସଲ ବେଶି ନଷ୍ଟ ହୁଏ ନାହିଁ । ସେସବୁ ମୌଜା ପ୍ରଥମ ଶ୍ରେଣୀରେ ଗଣା ଯାଇଅଛି । ସେଥିମଧ୍ୟରେ ଗୃହନା ମୌଜା ଗୋ ୦ ଟି ଯାହାକି ଉଚ ରେଟର ବ୍ୟବସାୟୀ ଜାତିଙ୍କର ବାସସ୍ଥାନ ଅଟେ । ତାହା ପ୍ରଥମ ଶ୍ରେଣୀ ଅନ୍ତର୍ଭୁକ୍ତ ହୋଇଅଛି ।

ଦ୍ୱିତୀୟ ଶ୍ରେଣୀ—ଯେସବୁ ମୌଜାର ଜମି ଉତ୍କୃଷ୍ଟ ଥାଇ ପ୍ରଥମ ଶ୍ରେଣୀ ମୌଜାମାନଙ୍କର ଜମି ସହିତ ସମାନ ଉର୍ବରତା ଥିଲେ ସୁଦ୍ଧା ତାହା ମହାନଦୀ କୂଳସ୍ଥ ଥିବା ଯୋଗେ ଅଧିକାଂଶ ଧୋୟା ଅଟେ । ସେସବୁ ମୌଜା ଓ ଯେ ସବୁ ମୌଜାର ଜମିର ପତନ ଉଚା ଓ ଯେ ମୌଜାର ଜମିର ଫସଲ ବନ୍ୟଜନ୍ତୁମାନଙ୍କ ଦ୍ୱାରା ନଷ୍ଟ ହୁଏ ସେ ମୌଜା ଦ୍ୱିତୀୟ ଶ୍ରେଣୀରେ ଆସିଅଛି ।

ତୃତୀୟ ଶ୍ରେଣୀ—ଯେ ସବୁ ମୌଜା ଧୋୟା ଥାଇ ଅଧିକାଂଶ ଜମି ବାଲିତର ଓ ଯେଉଁ ମୌଜାର ଜମି ଅତି ଉଚା ଅଟେ, ତହିଁର ଫସଲ ନିୟମିତ ବର୍ଷା ଜଳ ଉପରେ ନିର୍ଭର କରେ ଏପରି ମୌଜା ସବୁ ତୃତୀୟ ଶ୍ରେଣୀରେ ଗଣା ଯାଇଅଛି ।

୧୨ । ଶ୍ରେଣୀମତେ ମୌଜା ନାମ—

| ପ୍ରଥମ ଶ୍ରେଣୀ (୧) | ଦ୍ୱିତୀୟ ଶ୍ରେଣୀ (୨) | ତୃତୀୟ ଶ୍ରେଣୀ (୩) |
|---|---|---|
| ପ୍ର: ଛନିଗଡ଼ | ପ୍ର: କୁଲାଟ | ପ୍ର: କୁଲାଟ |
| ୧ । ଗୋଡ଼ଫୁଲିଆ ❋ | ୧ । ଖଣ୍ଡହତା | ୧ । ବଉଳା |
| ୨ । ଭରୁଡ଼ା | ୨ । ବଡ଼ନାଉପୁଟ | ୨ । ଶାଳଜଙ୍ଘା |
| ୩ । ଅଟଳକୋଟ | ୩ । ଶାମପୁର | ୩ । ହାଟମାଲ |
| ୪ । ହରିଡ଼ାପଶି | ୪ । ନନ୍ଦପୁର | ୪ । ସାନନାଉପୁଟ |
| ପ୍ର: ମଧ୍ୟଖଣ୍ଡ | | ପ୍ର: ମଧ୍ୟଖଣ୍ଡ |
| ୫ । କାଜଗଡ଼ | ୫ । ଶଣ୍ଡିପାଳ | ୫ । ମହୁଲଢିପ |
| ୬। ପାଞ୍ଚଗା | ୬ । ହରଶରଣପୁର | ୬ । ସୁଦର୍ଶନପୁର |
| ୭ । ଲୁମ୍ବିପୁର | ୭ । ଗଦାଧରପୁର | |
| ୮ । ପାଇକଆର | ୮ । କୋଇଲିକନ୍ୟା | |
| ୯ । ପୁରୁଣା ଢଗିରିଆ | ୯ । ରଘୁରାମପୁର | |
| ୧୦ । ବନ୍ଧାଣିମା | ୧୦ । ବିଷ୍ଣୁପୁର | |
| ୧୧ । ବାଲିପୁଟ | ୧୧ । କଣ୍ଟପୁର | |
| ୧୨ । ବରପୁଟ | ୧୨ । ମାନପୁର | |
| | ୨ୟ ଶ୍ରେଣୀକୁ ୨ ପ୍ର: ମଧ୍ୟଖଣ୍ଡ | |
| ୧୩ । ପଙ୍କାଲ | ୧୩ । ଚଷାଅଗ | |
| ପ୍ରଥମ ଶ୍ରେଣୀକୁ ୨ | | |
| ୧୪ । ଗୋକର୍ଣ୍ଣଖାଲ | ୧୪ । ଗୋପିନାଥପୁର | |
| ୧୫ । ଭେଗର | ୧୫ । କାଣସଙ୍କପଡ଼ା | |
| ୧୬ । ବେଲଅଗ୍ଣା | ୧୬ । ଗୋଦରିବନ୍ଧ | |
| ୧୭ । ବାସୁଦେବପୁର | ୧୭ । କରଡ଼ାପଲି | |
| ୧୮ । ନୂଆପାଟଣା ❋ | ୧୮ । ଭେଦିଆ | |
| ୧୯ । କେମାଦେଇପୁର ପାଟଣା ❋ | ୧୯ । ବନମାଳିପୁର | |
| ୨୦ । କାଳବର ❋ | ୨୦ । ସମପଡ଼ା, | |
| | ୨୧ । ବାହାରକଲ୍ଲି | |

୧୩ । ମେଜରମେଣ୍ଟ—ପୂର୍ବ ବନ୍ଦୋବସ୍ତରେ ଏ କଲ୍ଲ ୨୪ ଦସ୍ତି ପଦିକା ଯାହା ଦୈର୍ଘ୍ୟ ଫୁ ୧୦-୫-୨ ପର ଅଟେ । ତହିଁରେ (ଯାହାର ଏକମାଣ ଜମି ହାଲ ଏ୧-୦୦କର ସଙ୍ଗେ ସମାନ) ମାପ କରାଯାଇଥିଲା । ବର୍ତ୍ତମାନ ବନ୍ଦୋବସ୍ତରେ ପ୍ଲେନ ଟେବୁଲ ଓ ସାଇଃଭେନ୍ ସାହାଯ୍ୟରେ ବାଉଣ୍ଡରୀ କରାଯାଇ କିସ୍ତିଓ୍ୟାର କରାଯାଇଅଛି ।

୧୪ । ଫରେଷ୍ଟ—ପୂର୍ବେ ଏ ଇଲାକାର ଫରେଷ୍ଟ (୧) ସୋରଷପାଲ, (୨) କାଲଗୃ ବଲ୍ଲଭ, (୩) ଭରୁଡ଼ା, (୪) ଅଚଳକୋଠ, (୫) ଗୋଠ ମୁଣ୍ଡିଆ, (୬) ଭେଳଆ ବନ୍ଧ ଟଲ, (୭) ନଜଗଡ଼, (୮) ହରଡ଼ାପଣ୍ଡି, (୯) ଶାଳଆପଦା, (୧୦) ମୁରୁଗା ନାମରେ ବିଭକ୍ତ କରଯାଇ ରିଜର୍ଭ ରଖାଯାଇଥିଲା । ତାହା ଠିକମତେ ନିର୍ବାହ କରଯାଇ ପାରୁ ନ ଥିବାରୁ ସ୍ୱର୍ଗ ମସିହାଠାରୁ ଏଜେନ୍ସି ଫରେଷ୍ଟ ଅଫିସରଙ୍କ ତତ୍ତ୍ୱାବଧାନରେ ରଖା ଯିବାରେ ତାଙ୍କର ଆଦେଶମତେ ଫରେଷ୍ଟ ସବୁ ରିଜର୍ଭ ଫରେଷ୍ଟ ଓ ପ୍ରୋଟେକ୍‌ଟେଡ଼ ଫରେଷ୍ଟ ଓ ଭିଲେଜ ଫରେଷ୍ଟ ତିନ ଶ୍ରେଣୀରେ ବିଭକ୍ତ କରଯାଇ ଉକ୍ତ ଫରେଷ୍ଟମାନଙ୍କର ସୀମା ଲାଇନ ସବୁ ୩୦ ଫୁଟ ପ୍ରସାରରେ କଟାଯାଇ ରିଜର୍ଭ ଓ ପ୍ରୋଟେକ୍ଟେଡ଼ ଫରେଷ୍ଟ ସବୁ ପୃଥକ ପୃଥକ କରଯିବା ଦ୍ୱାରା ଫରେଷ୍ଟ ମଧ୍ୟସ୍ଥ କାଠ ବାଉଁଶ ଆଦ ଉତ୍ତମରୂପେ ସଂରକ୍ଷିତ କରିଯାଇ ଅଛି । ଭିଲେଜ ଫରେଷ୍ଟ ସବୁ ମୌଜା ବାଉଣ୍ଡରୀ ମଧ୍ୟରେ ରଖା ଯାଇଅଛି—

ହାଲକୁ ରିଜର୍ଭ ଫରେଷ୍ଟ ବ୍ଲକରେ ରଖାଯାଇଥିବା—

| | | |
|---|---|---|
| ୧ । ମୁର୍ଗା | .. | ଏ ୧୫୭.୯୬ |
| ୨ । କାକଡ଼ାହାଡ | .. | ଏ ୬୨.୮୦ |
| ୩ । କାଲଗୃବଲ୍ଲଭ | .. | ଏ ୯୫୫.୨୦ |
| ୪ । ନଜଗଡ଼ | .. | ଏ ୧,୫୨୧.୯୬ |
| ୫ । ରାଣୀପାଲ | .. | ଏ ୪୦୪.୮୦ |
| ୬ । ଶାଳଆ ପଦା | .. | ଏ ୮୮୧.୬୮ |
| | | ଏ ୩,୫୮୩.୫୨କୁ ୫-୬୦ ବର୍ଗମାଇଲ ଓ |

ପ୍ରୋଟେକ୍ଟେଡ ଫରେଷ୍ଟ :—

| | |
|---|---|
| ୧ । ରାଜଘାଟି | ଏ ୨୩୭.୧୨ |
| ୨ । ନଜଗଡ଼ | ଏ ୧୯୯.୯୨ |
| ୩ । ବଣୁଆ | ଏ ୧୧୮.୪୦ |
| ୪ । ସୋରଷ ପାଲ | ଏ ୧୪,୧୩.୯୨ |
| ମୋଟ .. | ଏ ୨,୭୫ ·୩୬କୁ ୪-୧୫ ବର୍ଗ ମାଇଲ |

ଓ ରିଜର୍ଭ ପ୍ରୋଟେକ୍ଟେଡ଼ ଫରେଷ୍ଟ ମଧ୍ୟ ଦେଇ ସମ୍ବଲପୁର ରୋଡ଼ ସହିତ ମିଶିଥିବା ପକ୍‌କା ସଡକ ଏ ୨୭.୫୨କୁ ୦-୦୪ ବର୍ଗ ମାଇଲ ଏରୂପ ମୋଟ ଏ ୬୨୬୯.୪୦କୁ ୯-୭୯ ବର୍ଗ ମାଇଲ ହାଲ ମାପରେ ହୋଇଅଛି । ଏକଲ ରିଜର୍ଭ ଫରେଷ୍ଟ ଛାଡଦେଲେ ପ୍ରୋଟେକ୍ଟେଡ଼ ଫରେଷ୍ଟ ରକବା ନିତ୍ୟାନ୍ତ କମ୍ ଥିବାରୁ ପ୍ରଜାମାନଙ୍କୁ ଥରେ ମାଘ ମାସକ ସକାଶେ ସମୟ ଧାର୍ଯ୍ୟରେ କେବଳ ଜାଳେଣି କାଠ ବିନା ଫିସରେ ଛାଡ଼ିଦିଆଯାଏ । ଅନ୍ୟ ସମୟରେ ସେମାନେ ଫରେଷ୍ଟ ନିୟମ ମତେ ନିର୍ଦ୍ଧନ ଧାର୍ଯ୍ୟ ଫିସରେ କାଠ ବାଉଁଶ ଆଦ ନିଅନ୍ତି । ଏ ଜଙ୍ଗଲ ସବୁ ପୂର୍ବେ ବ୍ଲକହୋଇ ଅଗ୍ନି ବାରଣ ଲାଇନ ଓ ସୀମା ଆଦ ଠିକ ମତେ କଟା ଯାଇ ନ ଥିବାରୁ ତାହା ସୁରକ୍ଷିତରୂପେ ରକ୍ଷା କରଯାଇ ପାରୁ ନ ଥିଲା । ବର୍ତ୍ତମାନକୁ ଚତୁପାର୍ଶ୍ୱ ଲାଇନ କର୍ତ୍ତନ କରଯାଇ ଉତ୍ତମ ରୂପେ ରକ୍ଷା କରଯାଇ ଅଛି । ସେ ସବୁ ଜଙ୍ଗଲରେ ଗୁଳ୍ମଲତା ସବୁ ଛେଦନ କରଯାଇ ପାର ନ ଥିବାରୁ ସେଥିରେ ଶାଗୁଆନ, ତକ, ଟିକ, ଆଦ ଲଗାଯାଇ ପାରନାହିଁ । ତାହା କରଗଲେ କ୍ରମଶଃ ଜଙ୍ଗଲର ଉନ୍ନତି ସାଧନ କରଯିବ । ଏ ଇଲାକାର ଜଙ୍ଗଲ ମଧ୍ୟରେ ଶାଳ, ଶିଶୁ, ଅଶନ କୁସୁମ, ବାନ୍ଧଣ, ପିଆଶାଳ ଓ ଗମ୍ଭାର ଆଦ ମୂଲ୍ୟବାନ କାଠ ଓ ଶାଳଅ ବାଉଁଶ ଅଛି ।

୧୫ । ମୌଜାର ଅନାବାଦ ଜମି :—ଏଠାରେ ପୂର୍ବ ବନ୍ଦୋବସ୍ତରେ ଯେ ସବୁ ଅନାବାଦ ଜମି ଥିଲା ତାହାହାଲ ବନ୍ଦୋବସ୍ତରେ, ବନ୍ଦୋବସ୍ତ ଦିଆଯିବା ପାଇଁ ରାଜ ସରକାର ଅନାବାଦ ଯାହାକି ସର୍ବସାଧାରଣ ବ୍ୟବହାରରେ ଆସେ ସେ ସବୁ ରାଜସରକାର ସର୍ବସାଧାରଣ ଓ ସଡ଼କ ରାସ୍ତା, ନର୍ସରୀ ଯୋରୀ, କଚେରୀ ବିଲଡ଼ିଙ୍ଗ ଓ ଡାକ ବଙ୍ଗଳାଆଦ ରାଜ ସରକାର P. W. D. (ପବ୍ଲିକ ୱର୍କ ଡ଼ିପାର୍ଟମେଣ୍ଟ)ରେ ପୃଥକ ୨ ଖାତା କରଯାଇ କାଗଜାତ ହୋଇଅଛି । ସେଥିମଧ୍ୟରେ ଥିବା ରାଜସରକାର ଅନାବାଦ ଖାତାରେ ଥିବା ବଡ଼ ଜଙ୍ଗଲ, ଛୋଟ ଜଙ୍ଗଲ, ପାହାଡ଼, ପୁରୁଣାପଡ଼ିଆ ହାଲ ପଡ଼ିଆ ବଗାଯୁତ, ପୋଖରୀ, ପୋଖରୀ ହୁଡ଼ା ଆଦ ଭିଲେଜ ଫରେଷ୍ଟ ଅନ୍ତର୍ଗତ ଅଟେ । ସର୍ବସାଧାରଣଙ୍କ ସକାଶେ ରଖାଯାଇଥିବା ଗୋଚର, ଶ୍ମଶାନ, ପାଣିମାହାଳ ଓ ଗୋଦଣ୍ଡା ଆଦ କୌଣସି ସମୟେ କାହାରିକୁ କବୁଲିୟତ ଦିଆ ନ ଯିବା କାରଣ ପୃଥକ ଖାତା କରଯାଇ ଅଛି । ଉପରୋକ୍ତ ଅନାବାଦ ଜମି ସବୁର ଶାବକ ହାଲ ଷ୍ଟେଟମେଣ୍ଟ ନିମ୍ନରେ ଉଲ୍ଲେଖ କରଗଲା । ତାହା ଦେଖାଗଲେ ସମସ୍ତ ଜଣାଯିବ ।

II

| ଗତ ବନ୍ଦୋବସ୍ତ ଅନାବାଦ ଖାତା ମୁତାବକ | | ହାଲ ବନ୍ଦୋବସ୍ତ ଖାତା ମୁତାବକ | | | | | | ମନ୍ତବ୍ୟ |
|---|---|---|---|---|---|---|---|---|
| | | ଅନାବାଦ ଖାତା ମୁତାବକ | | ସର୍ବସାଧାରଣ ଖାତା ମୁତାବକ | | ପବ୍ଲିକ ୱର୍କ ଖାତା ଡ଼ିପାର୍ଟମେଣ୍ଟ ମୁତାବକ | | |
| ପ୍ରକାର ଭେଦର ତଫସିଲ | ଜମି | ପ୍ରକାର ଭେଦର ତଫସିଲ | ରକବା | ପ୍ରକାର ଭେଦର ତଫସିଲ | ରକବା | ପ୍ରକାର ଭେଦର ତଫସିଲ | ରକବା | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |

୧୬ । କବୁଲିୟତ ଜମିର ପ୍ରକାର ଭେଦ :—ପୂର୍ବ ବନ୍ଦୋବସ୍ତରେ ବନ୍ଦୋବସ୍ତି ଜମିସବୁ ଯେ ଯେ କସମ ହୋଇଥିଲା ତହିଁ ମଧ୍ୟରୁ ଉଆଁ ବାର ଓ ଶାରଦ ଦୋଫସଲ କସମ ଉଠାଇ ଦିଆଯାଇ ବାକି କସମ କେବଳ ନାମାନ୍ତରେ ପରିବର୍ତ୍ତିତ କରାଯାଇ ଅଛି ।

ତାହା ନିମ୍ନରେ ଉଲ୍ଲେଖ କରାଗଲା ।

| କ୍ରମିକ ନମ୍ବର | ଗତବନ୍ଦୋବସ୍ତ ମୁତାବକ କସମ | ହାଲ ବନ୍ଦୋବସ୍ତ କସମ | ମନ୍ତବ୍ୟ |
|---|---|---|---|
| ୧ | ୨ | ୩ | ୪ |
| ୧ | ଘର .. | ଘର | |
| ୨ | ବାଡ଼ି .. | ବାଡ଼ି | |
| ୩ | ଉଆଁ ବାର .. | .. | |
| ୪ | ଶାରଦ ଦୋଫସଲ .. | .. | |
| ୫ | ଶାରଦ ଅବ୍ୱଲ .. | ଶାରଦ ଅବ୍ୱଲ | |
| ୬ | ଶାରଦ ଦୋୟମ .. | ଶାରଦ ଦୋୟମ | |
| ୭ | ଶାରଦ ସୋୟମ .. | ଶାରଦ ସୋୟମ | |
| ୮ | ବିଆଳି ଦୋଫସଲ .. | ବିଆଳି ଅବ୍ୱଲ | |
| ୯ | ବିଆଳି ଅବ୍ୱଲ .. | ବିଆଳି ଦୋୟମ | |
| ୧୦ | ବିଆଳି ଦୋୟମ .. | ବିଆଳି ସୋୟମ | |
| ୧୧ | ଡାଲୁଅ ଅବ୍ୱଲ .. | ଡାଲୁଅ ଅବ୍ୱଲ | |
| ୧୨ | ଡାଲୁଅ ଦୋୟମ .. | ଡାଲୁଅ ଦୋୟମ | |
| ୧୩ | ପଦର ଅବ୍ୱଲ .. | ବାଜେଫସଲ ଅବ୍ୱଲ | |
| ୧୪ | ପଦର ଦୋୟମ .. | ବାଜେଫସଲ ଦୋୟମ | |
| ୧୫ | ତଇଲା .. | ତଇଲା | |
| ୧୬ | କଟାସୃତ .. | କଟାସୃତ | |
| ୧୭ | ବନ୍ଧ, ଗୁଆ ଆଦି ଅନ୍ୟାନ୍ୟ .. | ବନ୍ଧ, ଗୁଆ, ଆଦି ଅନ୍ୟାନ୍ୟ | |

୧୭ । ଜମିର କସମ ଅନୁସାରେ ଉତ୍ପନ୍ନ ଫସଲର ପ୍ରକାର ଭେଦ—ସାଧାରଣତଃ ଏ ଜିଲ୍ଲାର ପ୍ରଜାମାନେ ବାଡ଼ିରେ ସାରୁ, ବାଇଗଣ, କଦଳୀ, ଲଙ୍କାମରିଚ, ଦେଶିଆଳୁ ଓ ନାନା ପ୍ରକାର ଶାକ ସାବଜି କରିଥାନ୍ତି ।

| | | |
|---|---|---|
| ଶାରଦ ଅବ୍ୱଲ ଜମିରେ | .. | ବଡଧାନ, ଚଣା ଓ ସାମୟିକ ମୁଗ, ଆଖୁ । |
| ଶାରଦ ଦୋୟମ ଜମିରେ | .. | ବଡ଼ଲଘୁ, ଚଣା ଓ ସାମୟିକ ମୁଗ, ଆଖୁ । |
| ଶାରଦ ସୋୟମ ଜମିରେ | .. | ଛୋଟ ଲଘୁ ଓ ସାମୟିକ ଆଖୁ । |
| ବିଆଳି ଅବ୍ୱଲ ଜମିରେ | .. | ବିଆଳି ଧାନ, କୋଲଥ, ବିରି, ସୋରିଷ, କଖାରୁ, ଫୁଟି, ତରଭୁଜ ଆଦି ଓ ଆଖୁ । |
| ବିଆଳି ଦୋୟମ ଜମିରେ | .. | ବିଆଳି ଧାନ ଓ ସାମୟିକ ଆଖୁ ହୁଏ । |
| ବିଆଳି ସୋୟମ ଜମିରେ | .. | ବିଆଳି ଧାନ |
| ଡାଲୁଅ ଅବ୍ୱଲ ଜମିରେ<br>ଡାଲୁଅ ଦୋୟମ ଜମିରେ | } | ଡାଲୁଅ ଧାନ ଓ ଜଳ ନଥିବା ଜମିରେ ବିରି । |
| ବାଜେ ଫସଲ ଅବ୍ୱଲ ଜମିରେ | .. | ମୁଗ, ସୋରିଷ, ବାଇଗଣ, ଜଡ଼ା, ଆଖୁ ପିଆଜ, ରସୁଣ ଓ ଧୂଆଁପତ୍ର ଆଦି ହୁଏ । |

| | |
|---|---|
| ବାଜେ ଫସଲ ଦୋୟମ ଜମିରେ .. | ଗଣି, କୋଲଥ, ହରଡ଼ ଓ ବିରି । |
| ତଇଲା ଜମିରେ .. | କୋଲଥ ହୁଏ, ଏଜମି ପ୍ରତି ଦୁଇତିନ ବର୍ଷରେ ଥରେ ଆବାଦ ହୁଏ । |

ଗତ ବନ୍ଦୋବସ୍ତଠାରୁ ଏପର୍ଯ୍ୟନ୍ତ ପ୍ରଜାମାନେ ଆଖୁ ଫସଲ ବିଶେଷ ପରିମାଣରେ କରି ଅଛନ୍ତି । କେତେକ ମହାନଦୀକୂଳସ୍ଥ ମୌଜା ମାନଙ୍କରେ ପିଆଜ, ବଡ଼ସାରୁ, ଫୁଟି କନ୍ଦମୂଳ, କଖାରୁ, ମୂଳାଆଦି ଫସଲ କରୁଅଛନ୍ତି । ବିଲାତି ଆଳୁ, ରସୁଣ, ଯଅ, ଗହମ ଓ କୋବି ଗୃଷର ଓ ଧୂଆଁ ପତ୍ର ଗୃଷର ବିଶେଷ ପ୍ରସାର ନାହିଁ ।

ସାଧାରଣତଃ ଶାରଦ ଅଉଲ ଜମିରେ ଏକର ପ୍ରତି ଧାନ ପୌ ୧୮ ଟି (ଟିଟକି ମ ୧୮ ହଣ) ମୁଗ ପୌ ୨ ଟି ।

| | | | |
|---|---|---|---|
| ଶାରଦ ଦୋୟମ ଜମିରେ, | ଏକରପ୍ରତି ଧାନ | | ପୌ ୧୬ଟି ମୁଗ ପୌ ୧ । ୫ଗୌଣୀ |
| ଶାରଦ ସୋୟମ | ,, | ,, | ,, ଧାନ ପୌ ୧୪ ଟି |
| ବିଆଲି ଅଉଲ | ,, | ,, | ,, ପୌ ୧୬ ଟି କୋଲଥ ପୌ ୩ ଟି ବିରି ପୌ ୨ଟି |
| ବିଆଲି ଦୋୟମ | ,, | ,, | ,, ପୌ ୧୨ ଟି |
| ବିଆଲି ସୋୟମ | ,, | ,, | ,, ପୌ ୮ ଟି |
| ଡାଲୁଅ ଅଉଲ | ,, | ,, | ,, ପୌ ୧୬ଟି ଜଳ ଅଭିବସ୍ଥ ତଳବରି ପୌ ୩।୧୫ ଗୌଣୀ |
| ଡାଲୁଅ ଦୋୟମ | ,, | ,, | ,, ପୌ ୧୨ଟି ଜଳଅଭିବସ୍ଥ ବିରିପୌ ୨।୧୦ ଗୌଣି |

ଆମଦାନି ହୁଏ । ଆଖୁ ଏକର ପ୍ରତି ୫୦ ମହଣ ଆମଦାନି ହୁଏ । ପେଟେଡ ରକବାରେ ଯେ ଯେ ଫସଲ ଏଠାରେ ହୁଏ ତାହାଁର ଷ୍ଟେଟମେଣ୍ଟ କମ୍ଭରେ ଦିଆଗଲା ।

## ଜନିସୱାର ଷ୍ଟେଟମେଣ୍ଟ କଲ—ତଗିରିଆ III

| ମୋଟ ମୌଜା ସଂଖ୍ୟା । | ଖେଦେଇ — ଶସ୍ୟ — ଧାନ | ଖେଦେଇ — ଶସ୍ୟ — ବାଜରା | ଖେଦେଇ — ଶସ୍ୟ — ମାଣ୍ଡିଆ | ଖେଦେଇ — ଶସ୍ୟ — ମକ୍କା | ଖେଦେଇ — ଶସ୍ୟ — ସୁଆଁ | ଖେଦେଇ — ଶସ୍ୟ — ଖେଦେଇ ଗଣି | ଖେଦେଇ — ଶସ୍ୟ — ଅନ୍ୟାନ୍ୟ | ଖେଦେଇ — ତୂଳା — ଖୋଟ | ଖେଦେଇ — ତୂଳା — ଅନ୍ୟାନ୍ୟ | ଖେଦେଇ — ମୋଟ | ଅଗ୍ରହାୟଣୀ — ଧାନ | ଅଗ୍ରହାୟଣୀ — ଚିନାବାଦାମ | ଅଗ୍ରହାୟଣୀ | ଅଗ୍ରହାୟଣୀ — ଅନ୍ୟାନ୍ୟ ଫସଲ | ଅଗ୍ରହାୟଣୀ — ଆଖୁ | ଅଗ୍ରହାୟଣୀ — କପା | ଅଗ୍ରହାୟଣୀ — ଖାଦ୍ୟ ପନିପରିବା | ଅଗ୍ରହାୟଣୀ — ମୋଟ |
|---|---|---|---|---|---|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୯ | ୧,୬୯୯-୧୦·୫ | | ୨୩-୧୨ | ୪-୨୯ | | ୪-୩୭ | ୦-୫୯ | ୧-୦୩ | | ୧,୭୩୩-୩୦·୫ | ୧୦,୩୪୦-୩୨·୫ | ୦-୨୪ | | | | ୦-୬୯ | ୧୦-୭୦·୫ | ୧୦,୭୬୬-୫୫ |

ରବି

| ଶସ୍ୟାଦି — ଡାଲୁଅ | ଶସ୍ୟାଦି — ଗହମ | ଶସ୍ୟାଦି — ଜଅ | ଶସ୍ୟାଦି — ବୁଟ | ଶସ୍ୟାଦି — ମୁଗ | ଶସ୍ୟାଦି — କୋଲଥ | ଶସ୍ୟାଦି — ବିରି | ଶସ୍ୟାଦି — ଅନ୍ୟାନ୍ୟ | ଶସ୍ୟାଦି — ଚଣା | ଶସ୍ୟାଦି — ହରଡ଼ | ଶସ୍ୟାଦି — ସୋରିଷ | ଶସ୍ୟାଦି — ଚିନା | ଶସ୍ୟାଦି — ଜଡ଼ା | ଶସ୍ୟାଦି — ଚରଗୁଡ଼ | ମସଲ୍ଲ | ଖୋଠ | ଅନ୍ୟାନ୍ୟ | ଧୂଆଁପତ୍ର | ପନିପରିବା | ବିଲାତିଆଳୁ | ଅନ୍ୟାନ୍ୟ | ମୋଟ |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ | ୩୨ | ୩୩ | ୩୪ | ୩୫ | ୩୬ | ୩୭ | ୩୮ | ୩୯ | ୪୦ | ୪୧ |
| ୫୩୮-୨୩ | | | ୦-୭୯ | ୮୮୦-୭୩ | ୪୨୨-୮୨·୫ | ୧୬୪-୯୦ | ୫୬୦-୬୬ | ୧୨୩-୫୫ | ୨୮-୮୬ | ୮-୫୭ | ୪୬-୪୭ | | ୧୭-୨୧ | ୦-୦୯ | ୦-୨୯ | ୨୬୭-୦୭ | ୧-୪୯ | ୨୫୨-୯୭ | | ୪୨-୮୭ | ୩,୭୫୨-୬୧·୫ |

| ବଗିଚା | | | ସର୍ବମୋଟ ୧୧+୧୯+ ୪୧+୪୪ | ଦୋଫସଲ ଏରିଆ | | ନିଟଫସଲ ବନ୍ଧ ରକବା | | | | ମନ୍ତବ୍ୟ |
|---|---|---|---|---|---|---|---|---|---|---|
| ଆମ୍ବ | ପଣସ | ମୋଟ | | ଏ: | ଡି: | ଏ: | ଡି: | ତାଳଗଛ | ଖଜୁରିଗଛ | |
| ୪୨ | ୪୩ | ୪୪ | ୪୫ | ୪୬ | ୪୭ | ୪୮ | ୪୯ | ୫୦ | ୫୧ | ୫୨ |
| ୨,୦୬୮-୧୫ | ୯୨-୨୫ | ୨,୧୬୩-୦୦ | ୧୮,୨୯୫-୮୬ | ୧,୪୫୮ | ୩୩-୫ | ୧୬୮,୩୭ | ୫୩-୫ | ୨୮୬ | | |

୮ । ଜମିର ସତ୍ତ୍ୱର ପ୍ରକାର—ଏ ଜିଲ୍ଲାରେ ଜମିଦାର, ଠିକା ଓ ରୟତ ପ୍ରଧାନ ସତ୍ତ୍ୱ ଥାଇଁ ସେସବୁ ସତ୍ତ୍ୱ ଅଧୀନରେ ସିକମ ଓ ଦରସିକମ ସତ୍ତ୍ୱ ପ୍ରଚଳନ ଅଛି । ସେଥିର ତଫସିଲ ନିମ୍ନଲିଖିତ ଷ୍ଟେଟମେଣ୍ଟରେ ପ୍ରଦତ୍ତ ହେଲା ।

| ପ୍ରଧାନ ସତ୍ତ୍ୱର ନାମ | ତଫସିଲ ସତ୍ତ୍ୱର ପ୍ରକାର |
|---|---|
| (୧) | (୨) |
| ଜମିଦାର | .. ଦେବୋତ୍ତର |
| ” | .. ପିରୋତ୍ତର |
| ” | .. ବ୍ରହ୍ମୋତ୍ତର |
| ” | .. ଖଇରାତ |
| ” | .. ଲାଖେରାଜ |
| ” | .. ଖଞ୍ଜା |
| ” | .. ବସନ୍ତପଞ୍ଚମୀ ଖଞ୍ଜା |
| ” | .. ହାଡ଼ିଧାନ ଖଞ୍ଜା |
| ” | .. ଖୁସ୍‌ବାସ |
| ” | .. ରାଜବାଟି ଚାକରାନ ଜାଗିରୀ |
| ଠିକା | .. ଦେବୋତ୍ତର |
| ” | .. ପିରୋତ୍ତର |
| ” | .. ବ୍ରହ୍ମୋତ୍ତର |
| ” | .. ଖଇରାତ |
| ” | .. ବାବୁଦଖଲ |
| ” | .. ମହତ୍ରାଣ |
| ” | .. ଦାନ |
| ” | .. ବାଜେ ଚାକରାନ ଜାଗିରୀ |
| ” | .. ଦେଶ ହେତା ଜାଗିରୀ |
| ” | .. ଚୌକିଦାରୀ ଜାଗିରୀ |
| ରୟତ | .. ସର୍ବରାକାର ଜାଗିର |
| ” | .. ଚିରାଦନା |
| ” | .. ଥାନି |
| ” | .. ପାହି |
| ” | .. ପାଇକାନ |

୧୯ । ଦେବୋତ୍ତର—ହିନ୍ଦୁ ଧର୍ମର ଦେବତା ମାନଙ୍କ ସକାଶେ ଯାହାଙ୍କ ଜମି ଖଞ୍ଜା ପୂର୍ବରୁ ହୋଇଅଛି । ତାହା ଦେବତା ମାନଙ୍କର ଭୋଗରାଗ ନିମନ୍ତେ ଦିଆଯାଇ ଥିବାରୁ ତାହା ସମ୍ପୂର୍ଣ୍ଣ ନିଷ୍କରରେ ପୂର୍ବପରି ରଖାଯାଇ ଅଛି । ଦେବୋତ୍ତର ଜମି ମଧ୍ୟରେ ରାଜା ସାହେବଙ୍କ ଠାକୁର ଶ୍ରୀ ପ୍ରସନ୍ନ ପୁରୁଷୋତ୍ତମ ଦେବ (ଶ୍ରୀ ଜଗନ୍ନାଥ) ମହିମା ସାଗର ଦେବ ନିଜଗଡ଼ ଗୁଣ୍ଡିଗୃ ବାଡ଼ି ଶ୍ରୀ ଗୋପିନାଥ ଦେବ ଓ ଶ୍ରୀ ମହାଲକ୍ଷ୍ମୀ ଠାକୁରାଣୀ ମାନଙ୍କର ଶାବକ ବନ୍ଦୋବସ୍ତରେ ଯାହା ଜମି ଖଞ୍ଜାଥିଲା ସେ ଜମି ବର୍ତ୍ତିମାନ ମାପରେ ଯେତେ ରକବା ବୃଦ୍ଧି ହୋଇଅଛି, ତାହାହାଲ ମାପ ମୁତାବକ ସମସ୍ତ ରକବା ଉକ୍ତ ଠାକୁର ମାନଙ୍କର ନିଷ୍କରରେ ରଖା ଯାଇ ଅଛି । ଏ ବାଦ କେତେକ ନିରଂଶ ବାବଦ ବ୍ରହ୍ମୋତ୍ତର ନିଷ୍କର ଓ ନିରଂଶ ବାବଦ ରୟତି ଜମି ଶ୍ରୀ ପ୍ରସନ୍ନ ପୁରୁଷୋତ୍ତମ ଦେବ ଠାକୁରଙ୍କୁ ଭୂତ-ପୂର୍ବରାଜା ସାହେବ ଖଞ୍ଜି ଦେଇ ଯାଇଥିବାରୁ ତାହା ଠାକୁର ମଉସୁଫଙ୍କ ନାମରେ ନିଷ୍କରରେ ରେକର୍ଡ଼ କରାଯାଇ ଅଛି । ଏହିପରି ଅନ୍ୟାନ୍ୟ କେତେକ ଠାକୁରଙ୍କୁ ପୂର୍ବରାଜା ସାହେବ ଖଞ୍ଜାକରି ଦେଇ ଥିବାରୁ ତାହା ମଧ୍ୟ ଦେବୋତ୍ତର ନିଷ୍କରରେ ରହିଅଛି । ପୁରୀକ୍ଷେତ୍ର ବିରାଜିତ ଶ୍ରୀ ଜଗନ୍ନାଥ ଦେବଙ୍କ ସୁଆର ତାହା ନାମରେ ଭୁଲରେ ଗତ ବନ୍ଦୋବସ୍ତରେ କରାଇ ନେଇଥିବା ସୁଆର ଯାଗିରି ନିଷ୍କର ଜମି ଉପରୋକ୍ତ ଠାକୁରଙ୍କ ନାମରେ ଗତ ବନ୍ଦୋବସ୍ତରୁ ପୂର୍ବ ବନ୍ଦୋବସ୍ତ କାଗଜାତ ମତେ ଦେବୋତ୍ତର ନିଷ୍କର ସତ୍ତ୍ୱ ପରିବର୍ତ୍ତିନ କରାଯାଇଅଛି । ଦେବୋତ୍ତର ସମ୍ପତ୍ତି ଏକଜଣ ପରୀକ୍ଷା (କର୍ମଚାରୀ) ଦ୍ୱାରା ବୁଝା ସୁଝା କରାଯାଏ, ଏ ଇଲାକାରେ ଯେତେ ଦେବା ଦେବୀ ଅଛନ୍ତି ସେମାନଙ୍କର ସେବା ପୂଜା ଠିକମତେ ଚାଲୁଅଛି କିନା ତାହା ବୁଝାଯିବାପାଇଁ ସେଥିରେ ସମ୍ପୂର୍ଣ୍ଣ ଅଧିକାର ରାଜା ସାହେବଙ୍କର ଥିବାରୁ ସେବାୟତ ରାଜସରକାର ରେକର୍ଡ଼ କରାଯାଇ ଯେ ଯେ ପୂଜକ ମାନେ ଠାକୁରଙ୍କ ଜମି ଭୋଗଦଖଲ କରି ଠାକୁରମାନଙ୍କୁ ଭୋଗରାଗ ଦିଅନ୍ତି ସେମାନଙ୍କ ନାମ ଓ ଯେ ବ୍ୟକ୍ତିମାନେ ଠାକୁରଙ୍କ ନାମରେ ଜମି ଖଞ୍ଜି ଦେଇ ଅଛନ୍ତି ସେମାନଙ୍କ ନାମ ମାରଫତଦାରରେ ରେକର୍ଡ଼ ହୋଇଅଛି । ଯେଉଁମାନେ ପୂର୍ବରୁ ସେମାନଙ୍କର ସ୍ୱଉପାର୍ଜିତ ଜମି ନିଜ ଠାକୁରଙ୍କ ନାମରେ ଖଞ୍ଜା କରି ପୂର୍ବରୁ ରାଜସରକାରଙ୍କ ଠାରୁ ନିଷ୍କର କରାଇ ଅଛନ୍ତି । ସେମାନଙ୍କୁ ଠାକୁରଙ୍କ ଜମିରେ ସେମାନଙ୍କ ନାମ ସେବାୟତ ଓ ମାର୍ଫତଦାରରେ ରଖାଯାଇଅଛି । ମାର୍ଫତଦାରମାନଙ୍କ ଠାକୁରଙ୍କ ନୀତି ଆଦି ନିୟମିତ ରୂପେ ଚଳାଉଥିବା ପର୍ଯ୍ୟନ୍ତ ସେମାନେ ଜମି ଭୋଗ ଦଖଲ କରି ପାରିବେ । ସେ ଜମି କୌଣସି ପ୍ରକାର ହସ୍ତାନ୍ତର କରି ପାରିବେ ନାହିଁ, ତାହାକଲେ ଯଦି ଦେବତାଙ୍କର ସେବା ପୂଜା ଆଦିରେ ବିଘ୍ନ ଘଟେ, ତେବେ ସେ ମାର୍ଫତଦାରଙ୍କୁ ରାଜା ସାହେବ ଉଚ୍ଛେଦ କରି ପାରିବା ପୂର୍ବ ପ୍ରଥା ପ୍ରଚଳନ ରହିଅଛି ଗତ ବନ୍ଦୋବସ୍ତରେ ମାର୍ଫତ ଦାରମାନେ ଠାକୁରମାନଙ୍କ ଜମିରେ ସିକମ ସତ୍ତ୍ୱ ଦରଜ କରାଇ ନେଇଥିଲେ । ଉପରୋକ୍ତ କାରଣମାନଙ୍କ ସକାଶେ ସେ ମାର୍ଫତଦାରମାନଙ୍କ ନାମ ସିକମରୁ ଖାରଜ କରାଯାଇ ମାର୍ଫତଦାର ବୋଲି ହାଲ ବନ୍ଦୋବସ୍ତରେ ରେକର୍ଡ କରାଯାଇଅଛି । ରାଜବାଟି ଠାକୁରମାନଙ୍କ ବ୍ୟତୀତ ଅନ୍ୟାନ୍ୟ ଠାକୁରମାନଙ୍କର ହାଲମାପରେ ହୋଇଥିବା ଉଦ୍‌ବୃତ୍ତ ଜମିରୁ ଏକର ପ୍ରତି ୬°-୦୫ ଏଲାଉନ୍‌ସ ଛାଡ଼ି ଦିଆଯାଇ ବାକି ବେଶି ଜମି ଦେବୋତ୍ତର ଟଙ୍କି ସତ୍ତ୍ୱରେ ରେକର୍ଡ଼ କରାଯାଇ ଅଛି ।

୨୦ । ପିରୋତ୍ତର—ଏ ଇଲାକାରେ ଦୁଇଗୋଟି ମୌଜାରେ ମୁସଲମାନମାନଙ୍କର ବାସସ୍ଥାନ ଅଛି, ସେମାନଙ୍କ ଠାକୁର ପିର ସାହେବ ଜମିରେ ଉକ୍ତ ଗ୍ରାମର କେତେକ ଲୋକ ବୁଝା ସୁଝା କରି ଥିବାରୁ ସେମାନଙ୍କ ନାମ ମାର୍ଫତଦାରରେ ରହିଅଛି । ଦେବୋତ୍ତରରେ ଥିବା ମାର୍ଫତଦାରମାନଙ୍କ ପରି ଏହାର ମାର୍ଫତଦାରମାନଙ୍କର ସତ୍ତ୍ୱ ଅଟେ ।

୨୧ । ବ୍ରହ୍ମୋତ୍ତର— ହିନ୍ଦୁମାନଙ୍କ ମଧ୍ୟରେ ସର୍ବୋଚ୍ଚ ଜାତି ବ୍ରାହ୍ମଣ, ସେମାନଙ୍କ କୁଟୁମ୍ବ ଭରଣପୋଷଣ ନିମନ୍ତେ ଯାହାଜମି ପୂର୍ବରୁ ନିଷ୍କରରେ ଦିଆଯାଇଅଛି, ତାହା ସେମାନେ ହିନ୍ଦୁଧର୍ମ କୁଳାଗ୍ରରେ ରହି ପୂର୍ବପ୍ରଥାମତେ ଭୋଗକରି ଆସୁଅଛନ୍ତି, ସେମାନଙ୍କର ଗତ ବନ୍ଦୋବସ୍ତରେ ଯାହା ଜମି ଥିଲା ତାହା ହାଲ ମାପରେ ବେଶି ହେଇଥିବା ଜମି ମଧ୍ୟରୁ ସାବକ ମାପ ସହିତ ହାଲମାପ ପ୍ରଭେଦ ପାଇଁ ଏକର ପ୍ରତି ୬°-୦୫ ଏଲାଉନ୍‌ସ ନିଷ୍କର ଛାଡ଼ି ଦିଆଯିବା ଉଦ୍‌ବୃତ୍ତ ଜମି ଗୋପିନାଥ ପୁର ଶାସନ ମୌଜାରେ ବ୍ରହ୍ମୋତ୍ତର ଟଙ୍କି ସତ୍ତ୍ୱରେ ଓ ଅନ୍ୟାନ୍ୟ ମୌଜାମାନଙ୍କରେ ସେହି ଉଦ୍‌ବୃତ୍ତ ଜମି ପୁରାଜମା ରୟତି ସତ୍ତ୍ୱରେ ତଉଜି କରାଯାଇ ଅଛି । ତଉଜି ହୋଇଥିବା ପୁରାଜମା ରୟତି ସତ୍ତ୍ୱ ଜମି ସେମାନେ ଅନୁମତିରେ ବିକ୍ରି କରି ପାରିବେ । ବ୍ରହ୍ମୋତ୍ତର ନିଷ୍କର ଓ ବ୍ରହ୍ମୋତ୍ତର ଟଙ୍କି ଜମି ଅନୁମତିରେ ବିକ୍ରି ହେବାର ଏଠାରେ ପ୍ରଚଳନ ନାହିଁ । ଗୁରୁତର ଆବଶ୍ୟକ ହେଲେ ଷ୍ଟେଟ ଅନୁମତିରେ ସିକମ କରାଇ ପାରନ୍ତି । ବ୍ରହ୍ମୋତ୍ତର ନିଷ୍କର ଓ ଟଙ୍କି ଜମି ଭୋଗ ଦଖଲ କରୁଥିବା ବ୍ରାହ୍ମଣମାନଙ୍କର ଠାକୁରଙ୍କ ଯାନି ଯାହା ବେଠି କରିବା ପ୍ରଥା ପୂର୍ବରୁ ପ୍ରଚଳନ ଅଛି ।

୨୨ । ଖଇରାତ—ଗୃହି ବୈଷ୍ଣବ ମାନଙ୍କର କୁଟୁମ୍ବ ଭରଣପୋଷଣ ନିମନ୍ତେ ନିଷ୍କରରେ ଦିଆ ଯାଇଥିବା ଜମିକୁ ଖଇରାତ କହନ୍ତି । ଉକ୍ତ ଜମି ଗୃହି ବୈଷ୍ଣବମାନେ ପୂର୍ବ ପ୍ରଚଳନ ପ୍ରଥା ମତେ ଯାନି ଯାହାରେ ଶ୍ରୀ ପ୍ରସନ୍ନ ପୁରୁଷୋତ୍ତମ ଦେବଙ୍କର ପ୍ରଚଳିତ ଥିବା ସେବା କାର୍ଯ୍ୟକରି ଭୋଗ ଦଖଲ କରି ଆସୁଅଛନ୍ତି । ଏଥିରେ ସେମାନେ ନିଜ ଇଚ୍ଛାରେ ଷ୍ଟେଟ ବିନା ଅନୁମତିରେ କୌଣସି ପ୍ରକାର ହସ୍ତାନ୍ତର କରି ପାରିବାର ଅଧିକାର ନାହିଁ । ଯେ ଯେ ବୈଷ୍ଣବମାନଙ୍କ ଜିମାରେ ଠାକୁରସବୁ ଅଛନ୍ତି, ସେ ଠାକୁରଙ୍କଠାରେ ଖଇରାତ ଜମିର ଉତ୍ପନ୍ନ ଫସଲରୁ ଠାକୁରଙ୍କ ଭୋଗରାଗ କରି ସେହି ପ୍ରସାଦ ସେମାନେ ପାଆନ୍ତି ।

୨୩ । ରାଜଖମାର—ରାଜ ଖମାର ରାଜା ସାହେବଙ୍କ ନିଜ ଦଖଲ ଜମି ଅଟେ । ତାହା ବନ୍ଧାଣିମା ଖମାର, ପୋଡୁଅ ଖମାର ଓ ସାନ ଖମାର ପୃଥକ ପୃଥକ ନାମ କରଣରେ ବିଭକ୍ତ କରାଯାଇ ଅଛି । ଏହା ସହିତରେ ଅମାର ଅଛି । ରାଜସର୍କାର ଅନାବାଦରୁ ସାମୟିକ ଉତ୍ପନ୍ନ ଫସଲ ଯହିଁରେ ରଖାଯାଏ ତାହାକୁ ଅମାର କହନ୍ତି । ରୟତି ଫେଂଗରଜମି ସବୁ ଯାହାକି ବନ୍ଦୋବସ୍ତ ଦିଆଯାଇ ନାହିଁ ତାହା ନିକାସି ଖମାର ବୋଲି ନାମକରଣ କରାଯାଇ ରଖାଯାଇ ଅଛି । ଏତଦ୍‌ ବ୍ୟତୀତ ରାଜବାଟୀ ପରିବାର ବର୍ଣ୍ଣିକା ଗହିରାଣୀ ନାମରେ ବନ୍ଦୋବସ୍ତ ଥିବା ପାହି ସତ୍ତ୍ୱରେ ରୟତି ଜମି ସେ ମୃତ୍ୟୁ ଲଭିଥିବାରୁ ସେ ଜମି ସବୁ ଗହିରାଣୀ ଖମାରରେ ରଖାଯାଇ ଅଛି । ଏ ସବୁ ଜମି ପୂର୍ବ ମାପ ଅପେକ୍ଷା ହାଲ ମାପରେ ବୃଦ୍ଧି ହୋଇଥିବା ରକବା ସବୁ ସେହିପରି ଖମାରରେ ରଖମାଇ ଅଛି । ଏ ସବୁ ଖମାର ଅଧୀନରେ ପୂର୍ବର କେତେକ ପ୍ରଜାଙ୍କର ସିକମ ଥିବାରୁ ତାହା ପୂର୍ବ ପରି ରହିଅଛି । ଏବାଦ ଅତି ଅଳ୍ପ ରକବା ଖମାରରୁ କରଜ ନେଇଥିବା ଧାନ ଆଦି ସୁଝି ନ ପାରିବାରୁ ସେମାନଙ୍କ ସ୍ୱଇଚ୍ଛାରେ ସେମାନଙ୍କର କବୁଲୟତି ବଗାୟତି ଛାଡ଼ି ଦେଇଥିବା ଓ କେତେକ ଘରବାଡ଼ୀ ଜମିର ଖଜଣା ସେ ରୟତମାନେ ଦେଇ ନ ପାରିବା ସ୍ଥଳେ ଖମାର କର୍ମଚାରୀ ସେହି ବାକି ଖଜଣା ଖମାର ଫଣ୍ଡରୁ ଦାଖଲ ଦେଇଥିବାରୁ ସେ ଜମି ଖମାର ଅଧୀରେ ରଖାଯାଇ ଅଛି । ଏ ସବୁ ପ୍ରଜା ଖମାର ଅଧୀନରେ ରହି ଖମାରରେ ମୂଲ ଲାଗନ୍ତି । ଏ ସବୁ ବାଦ୍ ପାଟ ମହାଦେଇଙ୍କ ଖମାର ଓ ଜେମା ଦେଇ ମଣିମାଙ୍କ ଖମାର ନାମରେ ପୃଥକ ପୃଥକ କାଗଜାତ ହୋଇଅଛି ।

୧୪ । ଖଞ୍ଜା—ରାଜା ସାହେବଙ୍କ କୁଟୁମ୍ବ ସାନ ସାମନ୍ତ, ଜେଜ ମାତା ଓ ମାତାମହିମା ମାନଙ୍କ ସେମାନଙ୍କ ଖରଚ ପାଇଁ ଯେ ସବୁ ଜମି ପୂର୍ବରୁ ଦିଆଯାଇ ଅଛି ତାହା ଖଞ୍ଜା ଅଟେ । ସେ ଜମି ସବୁ ଗତ ବନ୍ଦୋବସ୍ତରେ ଯେପରି ଥିଲା ହାଲ ମାପରେ ଯେ ରକବା ବୃଦ୍ଧି ହୋଇ ଅଛି ତାହା ମଧ୍ୟ ସେମାନଙ୍କ ନାମରେ ପୂର୍ବ ପରି ନିଷ୍କରରେ ରଖାଯାଇ ଅଛି । ସେଥିରୁ ତରଫି କରାଯାଇ ନାହିଁ ।

୧୫ । ବସନ୍ତ ପଞ୍ଚମୀ ଖଞ୍ଜା ଓ ହାଡ଼ ଧାନ ଖଞ୍ଜା—ଏ ସବୁ ଜମି ମଧ୍ୟରୁ ପ୍ରଥମଟି ଶ୍ରୀ ପ୍ରସନ୍ନ ପୁରୁଷୋତ୍ତମ ଦେବଙ୍କ ପାନିଯାତ୍ରା ଓ ଦ୍ଵିତୀୟଟି ହାତୀମାନଙ୍କର ଖୋରାକ ଧାନ ନିମନ୍ତେ ରଖାଯାଇ ଅଛି । ଏହା ରାଜସର୍କାରଙ୍କର ନିଜ ଜମି ଅଟେ । ଏଥିର ଉଦ୍‌ବୃତ୍ତ ରକବା ମଧ୍ୟ ହାଲରେ ତରଫି ହୋଇ ନାହିଁ । ଉପରୋକ୍ତ ଗମାର ଓ ଖଞ୍ଜା ଅଧୀନରେ ଥିବା ସିକମ ରୟତମାନେ ପୁରୁଷାନୁକ୍ରମେ ଭୋଗ ଦଖଲ କରି ଆସୁଥିବା ଜମି ସବୁ ଯାହାକି ସେମାନଙ୍କର ନାମରେ ସିକମ ସତ୍ତ୍ୱରେ ରେକର୍ଡ କରାଯାଇ ଅଛି, ତାହା ସେମାନେ ଷ୍ଟେଟ ଅନୁମତିରେ ବିକ୍ରି କରି ପାରନ୍ତି ।

୧୬ । ଖୁସବାସ—ରାଜା ସାହେବଙ୍କର କେତେକ ଅନୁଗୃହ ଭଦ୍ର ଲୋକମାନଙ୍କୁ ସେମାନଙ୍କର କେବଳ ଘରବାରି ଜମି ନିଷ୍କର ସ୍ୱତ୍ୱେ ଦିଆଯାଇ ଖୁସବାସ ନିଷ୍କର ନାମରେ ନାମକରଣ କରାଯାଇ ଅଛି । ଗତ ବନ୍ଦୋବସ୍ତ ଅପେକ୍ଷା ହାଲ ମାପରେ ଉଦ୍‌ବୃତ୍ତ ହୋଇଥିବା ଜମି ମଧ୍ୟରୁ ଏକର ପ୍ରତି ଏ ୦-୦୫ ଏଲାଉନ୍ସ ଛାଡ଼ି ଦିଆଯାଇ ଅବଶିଷ୍ଟ ପୁରା ଜମାରେ ରୟତି କରାଯାଇ ଅଛି ।

୧୭ । ଚାକରାନ ଜାଗିର :—

୧ । ଗାଡ଼ିଆ ଜାଗିରୀ
୨ । ଘୁଅର ଜାଗିରୀ
୩ । ପହରୀ ଜାଗିରୀ
୪ । ଗନ୍ଧାମୃତ ଜାଗିରୀ
୫ । ଖଟଣୀ ସେବକ ଜାଗିରୀ
୬ । ପାଖ ଲୋକ ଜାଗିରୀ
୭ । ପଢ଼ିଆରୀ ଜାଗିରୀ
୮ । ଅପଟ ଜାଗିରୀ
୯ । ଚର୍ଚ୍ଚା କେହେରୀ ଜାଗିରୀ
୧୦ । ସୁଆଁ ସିଆ ଜାଗିରୀ
(ବାଜେ ଚାକରାନ)
୧୧ । ଫୁଲତୋଳା ଜାଗିରୀ
୧୨ । ମାଳ ଜାଗିରୀ
୧୩ । କୀର୍ତ୍ତନ ଜାଗିରୀ
୧୪ । ଗାୟକ ଜାଗିରୀ
୧୫ । ସଙ୍ଗୀତ ଜାଗିରୀ
୧୬ । ଦରଜି ଜାଗିରୀ
୧୭ । ଡଉପାଢ଼ୀ ଗୁଉଣି ଜାଗିରୀ
୧୮ । ବଢେଇ ଜାଗିରୀ
୧୯ । କମାର ଜାଗିରୀ
୨୦ । ଚପକାର ଜାଗିରୀ
୨୧ । ଛଡ଼ୀବରଦାର ଜାଗିରୀ
୨୨ । କାହାଳିଆ ଜାଗିରୀ
୨୩ । ଜାଣ୍ଡ ବନ୍ଧା ଜାଗିରୀ
୨୪ । ଜ୍ୟୋତିଷ ଜାଗିରୀ
୨୫ । ବୈଦ୍ୟ ଜାଗିରୀ
୨୬ । ପାଇକ ଜାଗିରୀ
୨୭ । ସାସମଲ ଜାଗିରୀ
୨୮ । କହୁରିଆ ଜାଗିରୀ
୨୯ । ବେଠିଆ ଜାଗିରୀ
୩୦ । ହାତୀ ମାହୁନ୍ତ ଜାଗିରୀ
୩୧ । ଘୋଡ଼ା ସଇସ ଜାଗିରୀ
୩୨ । ଭୁରିଆ ଜାଗିରୀ
୩୩ । କନକ୍ତ ଜାଗିରୀ
୩୪ । ମୋଚି ଜାଗିରୀ
୩୫ । ମେହନ୍ତର ଜାଗିରୀ
(ଦେଶ ହେତା ଜାଗିରୀ)
୩୬ । ଭଣ୍ଡାରୀ ଜାଗିରୀ
୩୭ । ବଢ଼େଇ ଜାଗିରୀ
୩୮ । କମାର ଜାଗିରୀ
୩୯ । କୁମ୍ଭାର ଜାଗିରୀ
୪୦ । ଧୋବା ଜାଗିରୀ
୪୧ । ଚୌକିଦାର ଜାଗିରୀ

ରାଜବାଟୀରେ ଯେଉଁମାନେ ଚାକିରୀ କରନ୍ତି ସେମାନେ ସେଥିରେ ବେତନ ପାଇଁ ଯେ ସବୁ ଜମି ନିଷ୍କରରେ ପାଇ ଅଛନ୍ତି ତାହା ସେମାନେ ଚାକିରୀ ନ କଲେ ଭୋଗ ଦଖଲ କରିବାର କୌଣସି ସତ୍ତ୍ୱ ନାହିଁ । ଉକ୍ତ ଜମି ଦଖଲ କରୁଥିବା ସମୟରେ ଅନୁମତି କିମ୍ବା ବିନାନୁମତିରେ ହସ୍ତାନ୍ତର କରି ପାରିବେ ନାହିଁ । କୌଣସି ଚାକରର ମୃତ୍ୟୁ ହେଲେ ଯଦି ତାହାର ନାବାଳକ ପିଲା କିମ୍ବା ଅଥବା ସ୍ତ୍ରୀ ଥାଏ । ସେମାନଙ୍କର ଜାଗିରୀ ଜମି ବ୍ୟତୀତ ଅନ୍ୟ କୌଣସି ଉପାୟରେ ଭରଣ ପୋଷଣ ହୋଇ ପାରିବା ଶକ୍ତି ନ ଥାଏ, ତେବେ ସେ ଅଧବା ଜୀବିତ ଥିବା ପର୍ଯ୍ୟନ୍ତ ଓ ନା ବାଳକ ପିଲା ଚାକିରୀକୁ ଉପଯୁକ୍ତ ହେବା ପର୍ଯ୍ୟନ୍ତ ସେମାନଙ୍କ ଭରଣ ପୋଷଣ ପାଇଁ ଜାଗିରୀ ଜମି ତୁଳନାରେ କିଛି ଦିଆଯାଇ ଅନ୍ୟ ଚାକରକୁ ଠିକା ସ୍ୱରୂପ ଅବଶିଷ୍ଟ ଜମି ଭୋଗ ଦଖଲ କରି ଚାକିରୀ କାର୍ଯ୍ୟ ଚଳାଇବାର ସୁବିଧା ଦିଆଯାଇ ଥାଏ । ଜାଗିରୀଦାରମାନେ ସଦାଚରଣରେ ନ ରହି ଅବିଶ୍ୱାସ କାର୍ଯ୍ୟ କଲେ କିମ୍ବା ନିୟମିତରୂପେ ଚାକିରୀ କାର୍ଯ୍ୟ ନ କଲେ ତାହାକୁ ଖାରଜ କରାଯାଇ ଅନ୍ୟ ଲୋକ ତାହା ସ୍ଥାନରେ ରଖାଯାଏ । ଏହି ଜାଗିରୀ ଜମି ସାବିକ ଅପେକ୍ଷା ହାଲ ମାପରେ ଯାହା ଉଦ୍‌ବୃତ୍ତ ହୋଇଅଛି ତହିଁରୁ ଏକର ପ୍ରତି ଏ ୦-୦୫ ଏଲାଉନ୍ସ ଛାଡ଼ି ଦିଆଯାଇ ବାକି ବେଶି ଜମି ବର୍ତ୍ତମାନ ଦାଖଲ କରୁଥିବା ଜାଗିରୀଦାର ନାମରେ ପୁରା ଜମାରେ ତରଫି କରାଯାଇ ଚାକିରୀ ନ କଲେ ସେ ଜମି ସେ ରୟତି ଜମି ସ୍ୱରୂପ ଭୋଗ କରିବ ।

୧୮ । ଟିକି ଜମି—ନଅ ପ୍ରକାର ଟିକି ପ୍ରଚଳନ ଅଛି । ସେଥିମଧ୍ୟରେ ୧ । ଦେବୋତ୍ତର ଟିକି ୨ । ବ୍ରହ୍ମୋତ୍ତର ଟିକି ୩ । ପିରୋତ୍ତର ଟିକି, ୪ । ଖଇରାତ ଟିକି ୫ । ଦାନଟିକି, ଏ ଜମିମାନ ଉପରୋକ୍ତ ନିଷ୍କର ସତ୍ତ୍ୱପରି ବ୍ୟବହୃତ ହୁଏ । ୬ । ବରାଦନ ଟିକି, ରାଜାଙ୍କର ନିଜ ଜ୍ଞାତି ଓ ନିଜ ଅନ୍ତର ବଂଶଧର ମାନେ ରାଜାଙ୍କୁ ସଦୁପଦେଶ ଦେବା, ରାଜସଭା ଓ ଯାନି ଯାତ୍ରାରେ ଯୋଗ ଦେଇ ରାଜାଙ୍କର ସମ୍ପଦ ବିପଦ ସମୟରେ ବିଶ୍ୱସ୍ତ ସହିତ କାର୍ଯ୍ୟ କରୁଥିବା ପାଇଁ ସେମାନଙ୍କ କୁଟୁମ୍ବ ଭରଣ ପୋଷଣ ନିମନ୍ତେ ପାଇଥିବା ଜମି ଅତି ଅଳ୍ପ

ଖଜଣାରେ ଦିଆଯାଇଅଛି । ଏ ଜମି ପୁରୁଷାନୁକ୍ରମେ ସେମାନେ ଭୋଗ ଦଖଲ କରନ୍ତି । ୭ । ମହତ୍ରାଣ ଠାରୁ ଛାନୟୁ କରଣ ଭଦ୍ରଲୋକମାନେ ଯେ ମାନେ କି ସଦା ଚରଣରେ ରହି ରାଜାଙ୍କର ସଭାସଦ୍ ସ୍ୱରୂପ ଆବଶ୍ୟକୀୟ ରାଜକାର୍ଯ୍ୟରେ ଓ ରାଜାଙ୍କର ସମ୍ପଦ ବିପଦରେ ସାହାଯ୍ୟ କରିଥାନ୍ତି ଓ ଯାନ ଯାତ୍ରାରେ ଯୋଗ ଦିଅନ୍ତି । ସେମାନେ ପୁରୁଷାନୁକ୍ରମେ ଜମି ଭୋଗ ଦଖଲ କରନ୍ତି । କୌଣସି ପ୍ରକାର ସେମାନଙ୍କଠାରୁ ଉଚ୍ଛେଦ ହୋଇ ପାରେନା—

୮ । ଗୃହରନ ଯାଗିର ଠାରୁ—୧ । ବଣିଆ ଯାଗିର ଠାରୁ

୨ । ବଢ଼େଇ ଯାଗିର ଠାରୁ

୩ । ବୈଦ୍ୟ ଜାଗିର ଠାରୁ

୪ । ଜ୍ୟୋତିଷ ଯାଗିର ଠାରୁ

୫ । ଦେଶ ହେତା ଭଣ୍ଡାରି ଯାଗିର ଠାରୁ

୬ । ଦେଶ ହେତା ଧୋବା ଯାଗିର ଠାରୁ

୭ । ଦେଶ ହେତା କମାର ଜାଗିର ଠାରୁ

୮ । ଦେଶହେତା ମେହନ୍ତର ଜାଗିର ଠାରୁ ଏହି ଜମି ସବୁ ପ୍ରଥମ ଗୃହେଷ୍ଟି ରାଜାଙ୍କର ଆବଶ୍ୟକମତେ ପୂର୍ବ ପ୍ରଚଳିତ ନିୟମାନୁସାରେ କାର୍ଯ୍ୟର ଉପଯୁକ୍ତତାରେ ବିନା ମଜୁରିରେ କାର୍ଯ୍ୟକର ଥିବାରୁ ତାହା ପୁରୁଷାନୁକ୍ରମେ ଭୋଗଦଖଲ କରନ୍ତି । ସେଥିରୁ ବ୍ୟତିକ୍ରମ ହେଲେ ସେ ଜମିରୁ ସେ ମାନେ ଉଚ୍ଛେଦ ହୋଇ ପାରିବେ । ଅନ୍ୟ ଜାଗିର ଦାରମାନେ ଦେଶ ଲୋକଙ୍କର କାର୍ଯ୍ୟ ଓ ରାଜାଙ୍କର କାର୍ଯ୍ୟ କରୁଥିବା ପର୍ଯ୍ୟନ୍ତ ପୁରୁଷାନୁକ୍ରମେ ଭୋଗ ଦଖଲ କରିଥାନ୍ତି । କାର୍ଯ୍ୟରେ କୌଣସି ପ୍ରକାର ତ୍ରୁଟୀ କଲେ ଷ୍ଟେଟ ଅନୁମତିରେ ଉଚ୍ଛେଦ ହୋଇ ପାରିବେ ।

୯ । ଚୌକିଦାର ଜାଗିରୀ ଠାରୁ ପୋଲିସ ଅଧୀନରେ ଥିବା ଗ୍ରାମ ଚୌକିଦାର ମାନେ ଭୋଗ ଦଖଲ କରି ଠାରୁ ଖଜଣା ଦିଅନ୍ତି । ଏ ଜମିରେ ସେମାନଙ୍କର କୌଣସି ପ୍ରକାର ସତ୍ତ୍ୱ ନାହିଁ । ଚୌକିଦାର କାର୍ଯ୍ୟରୁ ଅନ୍ତର ହେଲେ ଅନ୍ୟ ନୂତନ ଚୌକିଦାର ସେ ଜମିକୁ ତାହାର ବେତନ ସ୍ୱରୂପ ଭୋଗ ଦଖଲ କରେ । କେବଳ ପୁରୁଣା ଚୌକିଦାର ଘରବାରି ଯାଗିର ଜମିରେ ଥିଲେ ନୂତନ ଚୌକିଦାର ସେଥିପାଇଁ ପୁରୁଣା ଚୌକିଦାର ଠାରୁ ଖଜଣା ପାଏ । ଏହି ଚୌକିଦାର ଯାଗିର ଠାରୁ ଜମି ମଧ୍ୟରୁ କେତେକ ଅଧିକା ଚୌକିଦାରଙ୍କୁ ଅନାବଶ୍ୟକ ଯୋଗେ ଖାରଜ କରାଯାଇଥିବାରୁ ସେମାନଙ୍କ ଜାଗିର ଜମି ମଧ୍ୟରୁ ୪ଗୋଟି ଦଫାଦାର ନୂତନ ନିଯୁକ୍ତ କରାଯାଇ ସେମାନଙ୍କୁ ପ୍ରତ୍ୟେକ ଏ ହିସାବେ ଜମି ଦିଆଯାଇ ଅଛି । ଉକ୍ତ ଦଫାଦାରମାନେ ଚୌକିଦାରମାନଙ୍କର ଉପରିସ୍ଥ କର୍ମଚାରୀ ଅଟନ୍ତି । ସେ ଜମି ସବୁ ଚୌକିଦାର ଯାଗିରୀ ଠାରୁ ପର ଦଫାଦାମାନଙ୍କର ସତ୍ତ୍ୱ ଅଟେ । ଏ ଜମି ସବୁ ଚୌକିଦାର ଓ ଦଫାଦାରମାନଙ୍କର ଯଥେଷ୍ଟ ନଥିବାରୁ ହାଲ ମାପରେ ହୋଇଥିବା ବୃଦ୍ଧି ଉକତା ସେହିପରି ଜାଗିରରେ ରଖଯାଇ ଅଛି । ୬ ଏହା ଅନ୍ୟାନ୍ୟ ସମସ୍ତ ପ୍ରକାର ଠାରୁ ଜମି ହାଲ ମାପରେ ଯାହା ବୃଦ୍ଧି ହୋଇ ଅଛି । ତହିଁରେ ଏକର ପ୍ରତି ଏ ୦.୦୫ ଏଲାଉନ୍ସ ଛାଡ଼ ଦେଇ ବାକି ବେଶି ଜମି ଜାଗିରଦାରମାନଙ୍କ ନାମରେ ପୁରା ଜମିରେ ରୟତି ସତ୍ତ୍ୱରେ ରେକର୍ଡ଼ କରାଯାଇ ଅଛି । ତାହା ସେମାନେ ରୟତି ସ୍ୱରୂପ ଭୋଗ ଦଖଲ କରିବେ । ଚାକିରୀ ନ କଲେ ସୁଦ୍ଧା ତାହା ସେମାନଙ୍କଠାରୁ ଉଚ୍ଛେଦ ହୋଇପାରିବ ନାହିଁ ।

୨୯ । ରୟତାନ—୧—ସର୍ବରାକାରୀ ଭୋଗରା—ଏହା ମୌଜାର ସର୍ବରାକାର ମୁକରର ଥିବା ପର୍ଯ୍ୟନ୍ତ ସେ ପୁରସ୍କାର ସ୍ୱରୂପ ଭୋଗ ଦଖଲ କରେ । ଏହାର ପୁରା ଜମା ରୟତିରେ ତାହାଠାରୁ ନିଆଯାଏ । ଏହା ଏକ ପ୍ରକାର ଷ୍ଟେଟ ଜମି ଅଟେ । ସର୍ବରାକାରୀ କାର୍ଯ୍ୟ ନ କଲେ ଏ ଜମି ତାହାଠାରୁ ଅନ୍ତର କରାଯାଏ । ଏଥିରେ ସର୍ବରାକାରର କିଛି ମାତ୍ର ସତ୍ତ୍ୱ ନାହିଁ ।

୨ । ଗୃହନା—ଯେଉଁମାନଙ୍କର ମୌଜାରେ କେବଳ ବାସ ଗୃହ ଅଛି ତାହା ଗୃହନା ଅଟେ ।

୩ । ଥାନି—ନିଜ ମୌଜାରେ ବାସ କରିଥିବା ରୟତମାନଙ୍କର ଚାଷ ଜମି ଥିଲେ ଅର୍ଥାତ୍ ଘରବାରୀ ଓ ଚାଷ ଜମି ଥିଲେ ତାହା ଥାନି ଅଟେ ।

୪ । ପାଇକାନ—ପୂର୍ବେ ଯେଉଁ ପ୍ରଜାମାନେ ପାଇକ କାର୍ଯ୍ୟ କରି ସେମାନଙ୍କ ବେତନପାଇଁ ଅଳ୍ପ ଜମାରେ ଜମି ଭୋଗ ଦଖଲ କରୁଥିଲେ ଗତ ବନ୍ଦୋବସ୍ତଠାରୁ ସାହାଙ୍କ ପୁରା ଜମାରେ ଧାର୍ଯ୍ୟ କରାଯାଇ ଅଛି ତାହି ପାଇକାନ ସତ୍ତ୍ୱ ରହିଅଛି ।

୫ । ପାହି—ଯେଉଁ ପ୍ରଜାମାନଙ୍କର ବାସସ୍ଥାନ ଅନ୍ୟ ମୌଜାରେ ଥାଇ ଯେଉଁ ମୌଜାରେ କେବଳ ଚାଷ ଜମି ଅଛି ତାହା ପାହି ସତ୍ତ୍ୱରେ ରଖଯାଇ ଅଛି ।

ଉପରୋକ୍ତ ସମସ୍ତ ପ୍ରକାର ଜମି ଏକା ରୟତିରେ ବ୍ୟବହାର ହୋଇଥିଲେ ସୁଦ୍ଧା ପାଇକାନ ଜମିରେ ପାଇକମାନେ ରାଜାଙ୍କର କେତେକ ପାଇକ କାର୍ଯ୍ୟ କରି ଆସୁଥିବାରୁ ତାହା ସେମାନେ କରିବାକୁ ବାଧ୍ୟ ହେବେ । ସେଥିଯୋଗେ ଉକ୍ତ ସତ୍ତ୍ୱର ଜମି ପୂର୍ବେ ଯାହାକି ଅନୁମତିରେ ବିକ୍ରି କରି ଖା: ଦା: କରାଯାଇଥିଲା । ତାହା ଖରିଦଦାର ପାଇକାନ ସତ୍ତ୍ୱ ଥିଲେ ତାହା ସହିତ ମିଶିଯାଇ ଅଛି । ଯେଉଁମାନଙ୍କର ପାଇକାନ ସତ୍ତ୍ୱ ନାହିଁ ସେ ଜମି ସବୁ ଖରିଦାରମାନଙ୍କ ନାମରେ ଥାନି, ପାହି ସତ୍ତ୍ୱରେ ଖାତା କରାଯାଇ ଅଛି । ବିନାନୁମତିରେ ବିକ୍ରି ହୋଇଥିବା ପାଇକାନ ଜମି ପାଇକାନ ସତ୍ତ୍ୱରେ ରଖାଯାଇ ଅଛି । ଖରିଦଦାର ପାଇକ ନ ହୋଇ ଅନ୍ୟ ଜାତି ଥିଲେ ସେ ଆବଶ୍ୟକ ସମୟରେ ପାଇକ କାର୍ଯ୍ୟପାଇଁ ଲୋକ ଯୋଗାଇବାକୁ ବାଧ୍ୟ ରହିବ ।

୩୦ । ସିକମ ସତ୍ତ୍ୱ—ଉପରଲିଖିତ ଦ ୧୯ ଫା ଠାରୁ ଦ ୨୯ ଫା ପର୍ଯ୍ୟନ୍ତ ସାବିକ ପ୍ରକାର ନମ୍ବର ଠାରୁ ଓ ରୟତାନ ଜମି ଅଧିନରେ ଥିବା ସିକମ ରୟତମାନଙ୍କର ପୃଥକ ଖାତା କରାଯାଇ ସେମାନଙ୍କର ପୂର୍ବ ବନ୍ଦୋବସ୍ତରେ ପଟ୍ଟା ଥିବାରୁ ତାହା ହାଲ ବନ୍ଦୋବସ୍ତରେ ସେହିମତ ପୃଥକ ଖତିୟାନ କରାଯାଇ ଅଛି । ସେ ସବୁ ସିକମ ସତ୍ତ୍ୱର ଜମି ପ୍ରଜାମାନେ ଭୋଗ ଦଖଲ କରି ଆସୁଥିବାରୁ ସେ ଜମି ଷ୍ଟେଟ ଓ ମାଲିକ ପ୍ରଜା ଅନୁମତିରେ ବିକ୍ରି କରିବାର କ୍ଷମତା ଅଛି । ମାଲିକ ପ୍ରଜା ବିନାନୁମତିରେ ସିକମ ସତ୍ତ୍ୱ ବିକ୍ରି ହୋଇ ନ ପାରେ । ଯଦି କୌଣସି ରୟତ ମାଲିକ ପ୍ରଜାଙ୍କୁ ଏକାଦିକ୍ରମେ ୩ ବର୍ଷ ପର୍ଯ୍ୟନ୍ତ ଖଜଣା, ଭାଗ କିମ୍ବା ସଞ୍ଜା ଆଦି ନ ଦିଏ ତେବେ ମାଲିକ ପ୍ରଜା

ସକମ ପ୍ରଜା ନାମରେ ଉଚିତ ଅଦାଲତ ଫଳେ ସିକମ ପ୍ରଜାଠାରୁ ଜମି ଉଚ୍ଛେଦ ହେବାର ନିୟମ ଅଛି । ଏ ବାଦ୍ ଅଳ୍ପ କେତେକ ସିକମ ପ୍ରଜାଙ୍କ ଅଧୀନରେ ଦର ସିକମ ଖାତା ଅଛି । ଗତ ବନ୍ଦୋବସ୍ତରେ ବ ୧୦ ବର୍ଷରୁ ଊର୍ଦ୍ଧ୍ୱ ଦଖଲକାର ଥିବା ପ୍ରଜାମାନଙ୍କର ସତ୍ତ୍ୱ ସବୁ ସିକମ ଦରଜ କରାଯାଇ ପୃଥକ ସିକମ ଖାତା କରାଯାଇଥିବାରୁ ସେଥିରେ ଯେ ଯେ ଭଦ୍ରଲୋକମାନେ ନିଜେ କୃଷି କାର୍ଯ୍ୟ କରନ୍ତି ନାହିଁ, ଅନ୍ୟ ପ୍ରଜା ଦ୍ୱାରା ଜମି ଆବାଦ କରାଇ ତାହାଁର ଉତ୍ପନ୍ନରୁ ଭାଗ, ସଞ୍ଜା ବା ଖଜଣା ଆଦି ନିଅନ୍ତି ଏପରି ମାଲିକ ରୟତ ବ୍ରାହ୍ମଣ, କ୍ଷତ୍ରିୟ, କରଣ ଆଦି ଓ ଭଲ ଗୃହସ୍ଥଙ୍କ ଯାତୀଆଦି ଓ ପାଣ, ହାଡ଼ି, ସବର, ଡମ, ଆଦି ନୀଚ ଜାତୀୟ ବ୍ୟକ୍ତିମାନେ ସତ୍ତ୍ୱ ହୀନ ସକାଶେ ହଲବଲଦ ଅଭାବରୁ ଜମି ନିଜେ ଦଖଲ କରି ପାରନ୍ତି ନାହିଁ । ସେମାନଙ୍କର ଜମି ସବୁ ଗତ ବନ୍ଦୋବସ୍ତରେ ଅଧିକ ପରିମାଣରେ ଦଖଲକାର ପ୍ରଜା ନାମରେ ସିକମ ଖାତା ହୋଇ ଯାଇଥିବା ଓ ବାକି ମାଲିକ ପ୍ରଜାମାନଙ୍କର ନିଜ ଦଖଲରେ ଥିବା ଜମିରୁ ସେମାନେ ଭରଣ ପୋଷଣ ହୋଇପାରୁ ନ ଥିବା ବଗୃରରେ ଏ ବନ୍ଦୋବସ୍ତରେ ବ ୧୦ ବର୍ଷରୁ ଊର୍ଦ୍ଧ୍ୱ ଦଖଲକାର ପ୍ରଜାମାନଙ୍କ ନାମରେ ନୂଆ ସିକମ ଆଦୌ କରାଯାଇ ନାହିଁ । କେବଳ ଉଚିତ୍ ସ୍ଥଳରେ ଜମି ଖୋଳିଥିବା ଓ କଷିଥିବା ରୟତର ମନ୍ତବ୍ୟ ନୋଟ କରାଯାଇ ଅଛି ।

୩୧ । ମନ୍ତବ୍ୟ ନୋଟ—ଗଛର ଫଳ ଭୋଗ, ଗଛ ଦଖଲ, ରାସ୍ତାରେ ଗଡ଼ାଯିବା ଜଳାଶୟରୁ ଜଳ ନେବା ଓ ଅନ୍ୟାନ୍ୟ ବିଶେଷ ଅନୁସଙ୍ଗ ମନ୍ତବ୍ୟରେ ନୋଟ କରାଯାଇ ଅଛି ।

୩୨ । ରେଟ—ଗତ ବନ୍ଦୋବସ୍ତରେ ସମସ୍ତ ପ୍ରକାର କବୁଲିୟତ ଜମି ସକାଶେ ଭିନ୍ନ ପ୍ରକାର ମୋଟ ୫୩ଟି ରେଟ କରାଯାଇଥିବା ସ୍ଥଳେ ଉକ୍ତ ରେଟ ସଂଖ୍ୟା ବେଶି ଥିବା ପ୍ରଯୁକ୍ତ ସେଥିରୁ ମୋଟ ୧୨ଟି ରେଟ୍ ଉଠାଇ ଦିଆଯାଇ ବାକି ମୋଟ ୪୧ ଟିରେ ପ୍ରସ୍ତାବରେ ରାଜ ଅଫିସ ତା ୨୫ । ୩ । ୧୯୩୩ ରିଖ ନ ୯୪ ନମ୍ବର ଚିଠିରେ ରେଣ୍ଟ ରେଟ ରିପୋର୍ଟ ପଠାଯାଇଥିଲା ; କିନ୍ତୁ ରେଟ ସଂଖ୍ୟା ବେଶି ହୋଇଥିବା ଓ ନିକଟବର୍ତ୍ତୀ ଜିଲ୍ଲା ସବୁର ରେଟ ତୁଳନାରେ ଇଉନିଫର୍ମ ରେଟ୍ ହୋଇ ନ ଥିବାରୁ ତାହା ମାନ୍ୟବର ପୋଲିଟିକାଲ ଏଜେଣ୍ଟ ସାହେବ-ବାହାଦୁରଙ୍କ ତା..........ରିଖ ନଂ........ନମ୍ବର ଚିଠିରେ ମର୍ମାନୁସାରେ ସାନ୍ନା ମୋଟ ୨୨ଟି ରେଟ ପ୍ରସ୍ତାବ କରାଯାଇ ଇଉନିଫର୍ମ ରେଟ ପ୍ରସ୍ତାବ କରାଯାଇଥିବାରୁ ତଦନୁସାରେ ତା.............ରିଖ ନଂ..........ନମ୍ବର ଚିଠିରେ ତାହା ମଞ୍ଜୁର ହୋଇଥିବା କାରଣ ସେ ସବୁ ରେଟ୍‌ରେ ହାଲ ଜମାବନ୍ଦି କରାଯାଇ ରେଟର ଜଟିଳତା ସରଳ କରାଯାଇ ଅଛି । ଗତ ବନ୍ଦୋବସ୍ତରେ ଯେ ଯେ ଜମି ସକାଶେ ଯାହା ଯାହା ରେଟ ଥିଲା ହାଲ ବନ୍ଦୋବସ୍ତରେ ସେଥିପାଇଁ ଯେଉଁ ଶ୍ରେଣୀ ମୌଜା ସକାଶେ ଯେ ଯେ ରେଣ୍ଟ ମଞ୍ଜୁର ହୋଇ ଅଛି ତାହା ନିମ୍ନରେ ଉଲ୍ଲେଖ କରାଗଲା ।

| ଗତ ବନ୍ଦୋବସ୍ତ ମୁତାବକ | | | | ହାଲ ବନ୍ଦୋବସ୍ତ ମୁତାବକ ମଞ୍ଜୁର ରେଟ | | | | | | |
|---|---|---|---|---|---|---|---|---|---|---|
| | | | | ପ୍ରଥମ ଶ୍ରେଣୀ | | ଦ୍ୱିତୀୟ ଶ୍ରେଣୀ | | ତୃତୀୟ ଶ୍ରେଣୀ | | ମନ୍ତବ୍ୟ |
| ନମ୍ବର | ଫସଲ | କିସମ | ରେଟ | ଫସଲ କିସମ | ରେଟ | ଫସଲ କିସମ | ରେଟ | ଫସଲ କିସମ | ରେଟ | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| | ଘର | | ଟ ୧୮୴ | ଘର | ଟ ୧୫୳୵ | ଘର | ଟ ୯।୵ | ଘର | ଟ ୭୴/ | |
| | | | ଟ ୧୫୳୵ | | ଟ ୧୨୳ | | ଟ ୭। | | ଟ ୪୳୷ | |
| | | | ଟ ୧୨୳ | | ଟ ୭। | | ଟ ୪୳୷ | | | |
| | | | ଟ ୯।୵ | | | | | | | |
| | | | ଟ ୭୴୷/୧ | | | | | | | |
| | | | ଟ ୭୴/ | | | | | | | |
| | | | ଟ ୭। | | | | | | | |
| | | | ଟ ୪୳୷ | | | | | | | |
| | | | ଟ ୩୴୵/୭ | | | | | | | |
| | | | ଟ ୩୳୩ | | | | | | | |
| | ବାର | | ଟ ୧୬୵ ୪ | ବାର | ଟ ୧୫୳୵ | ବାର | ଟ ୯।୵ | ବାର | ଟ ୭। | |
| | | | ଟ ୧୫୷ ୯ | | ଟ ୧୨୳ | | ଟ ୭। | | ଟ ୩୵ | |
| | | | ଟ ୧୨ / ୯ | | ଟ ୬। | | ଟ ୪୳୷ | | | |
| | | | ଟ ୯ /୧୦ | | ଟ ୪୳୷ | | | | | |
| | | | ଟ ୮୴୷ ୯ | | ଟ ୩୵ | | | | | |
| | | | ଟ ୭୴/ | | | | | | | |
| | | | ଟ ୭୳୵/୧୧ | | | | | | | |
| | | | ଟ ୭ / ୧୧ | | | | | | | |
| | | | ଟ ୫୴୷/୧୦ | | | | | | | |
| | | | ଟ ୫ ୷ ୪ | | | | | | | |
| | | | ଟ ୫। / ୩ | | | | | | | |
| | | | ଟ ୪୳୷ | | | | | | | |
| | | | ଟ ୪୳ ୧୧ | | | | | | | |
| | | | ଟ ୪। ୯ | | | | | | | |
| | | | ଟ ୪ ୵ ୮ | | | | | | | |
| | | | ଟ ୩୴୵ ୭ | | | | | | | |
| | | | ଟ ୩୵ | | | | | | | |

| ଗତ ବନ୍ଦୋବସ୍ତ ମୁତାବକ | | | | ହାଲ ବନ୍ଦୋବସ୍ତ ମୁତାବକ ମଞ୍ଜୁର ରେଟ୍ | | | | | | ମନ୍ତବ୍ୟ |
|---|---|---|---|---|---|---|---|---|---|---|
| | | | | ପ୍ରଥମ ଶ୍ରେଣୀ | | ଦ୍ୱିତୀୟ ଶ୍ରେଣୀ | | ତୃତୀୟ ଶ୍ରେଣୀ | | |
| ନମ୍ବର | ଫସଲ | କିସମ | ରେଟ୍ | ଫସଲ କିସମ | ରେଟ୍ | ଫସଲ କିସମ | ରେଟ୍ | ଫସଲ କିସମ | ରେଟ୍ | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| | ଓଆଁ ବାଉ | | ଟ ୧୩୲ ୮ | | | | | | | |
| | | | ଟ ୧୧୲୶ ୬ | | | | | | | |
| | | | ଟ ୮୳/ ୮ | | | | | | | |
| | | | ଟ ୮୲/ ୬ | | | | | | | |
| | | | ଟ ୭୲୶/୧୧ | | | | | | | |
| | | | ଟ ୭। | | | | | | | |
| | | | ଟ ୫୲୷ ୮ | | | | | | | |
| | | | ଟ ୪୲୷ | | | | | | | |
| | | | ଟ ୪।୶/୧୦ | | | | | | | |
| | | | ଟ ୪ ୶ ୮ | | | | | | | |
| | | | ଟ ୩୳୶ ୬ | | ଏ କିସମ ଖାରଜ ହୋଇଅଛି । | | | | | |
| | | | ଟ ୩୳ ୫ | | | | | | | |
| | | | ଟ ୩୲ ୩ | | | | | | | |
| | | | ଟ ୨୳୷/୧୧ | | | | | | | |
| | ଶାରଦ ଦୋଫସଲ | | ଟ ୨।୶ ୨ | | | | | | | |
| | | | ଟ ୩। ୧ | | | | | | | |
| | | | ଟ ୩ ୶ | | | | | | | |
| | | | ଟ ୨୳୷/୧୧ | | | | | | | |
| | | | ଟ ୨୳/୧୦ | | | | | | | |
| | | | ଟ ୨୲୷ ୯ | | | | | | | |
| | | | ଟ ୨୲/ ୮ | | | | | | | |
| | | | ଟ ୨।୷ ୬ | | | | | | | |
| | ଶାରଦ ଅଉଲ | | ଟ ୩ ୶ | ଶାରଦ ଅଉଲ | ଟ ୨୳୷/୧୧ | ଶାରଦ ଅଉଲ | ଟ ୨୲୷/୯ | ଶାରଦ ଅଉଲ | ଟ ୨।୷ ୬ | |
| | | | ଟ ୨୳୷/୧୧ | | | | | | | |
| | | | ଟ ୨୳/୧୦ | | | | | | | |
| | | | ଟ ୨୲୷ ୯ | | | | | | | |

| ଗତ ବନ୍ଦୋବସ୍ତ ମୁତାବକ | | | | ହାଲ ବନ୍ଦୋବସ୍ତ ମୁତାବକ ମଞ୍ଜୁର ରେଟ୍ ପ୍ରଥମ ଶ୍ରେଣୀ | | ଦ୍ୱିତୀୟ ଶ୍ରେଣୀ | | ତୃତୀୟ ଶ୍ରେଣୀ | | ମନ୍ତବ୍ୟ |
|---|---|---|---|---|---|---|---|---|---|---|
| ନମ୍ବର | ଫସଲ | କିସମ | ରେଟ୍ | ଫସଲ କିସମ | ରେଟ୍ | ଫସଲ କିସମ | ରେଟ୍ | ଫସଲ କିସମ | ରେଟ୍ | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| | | | ଟ ୨୫/ ୮ | | | | | | | |
| | | | ଟ ୨।୷/ ୭ | | | | | | | |
| | | | ଟ ୨।/ ୬ | | | | | | | |
| | | | ଟ ୧୳୷/ ୩ | | | | | | | |
| | ଶାରଦ | ଦୋୟମ | ଟ ୨୳/୧୦ | ଶାରଦ | ଟ ୨୫୷/୯ | ଶାରଦ | ଟ ୨।୷/ ୭ | ଶାରଦ | ଟ ୨୷/ ୫ | |
| | | | ଟ ୨୫୷/ ୯ | ଦୋୟମ | | ଦୋୟମ | | ଦୋୟମ | | |
| | | | ଟ ୨୫/ ୮ | | | | | | | |
| | | | ଟ ୨।୷/ ୭ | | | | | | | |
| | | | ଟ ୨।/ ୬ | | | | | | | |
| | | | ଟ ୨୷/ ୫ | | | | | | | |
| | | | ଟ ୨/ ୪ | | | | | | | |
| | | | ଟ ୧୳୷/ ୩ | | | | | | | |
| | | | ଟ ୧୳/ ୨ | | | | | | | |
| | | | ଟ ୧୫୷/ ୧ | | | | | | | |
| | ଶାରଦ | ସୋୟମ | ଟ ୨୫୷/ ୯ | ଶାରଦ | ଟ ୨।୷/ ୭ | ଶାରଦ | ଟ ୨୷/ ୫ | ଶାରଦ | ଟ ୧୳୷/୩ | |
| | | | ଟ ୨୫/ ୮ | ସୋୟମ | | ସୋୟମ | | ସୋୟମ | | |
| | | | ଟ ୨।୷/ ୭ | | | | | | | |
| | | | ଟ ୨।/ ୬ | | | | | | | |
| | | | ଟ ୨୷/ ୫ | | | | | | | |
| | | | ଟ ୨/ ୪ | | | | | | | |
| | | | ଟ ୧୳୷/ ୩ | | | | | | | |
| | | | ଟ ୧୳/ ୨ | | | | | | | |
| | | | ଟ ୧୫୷/ ୧ | | | | | | | |
| | | | ଟ ୧୫/ | | | | | | | |
| | ବଆଲ | ଦୋଫସଲ | ଟ ୩୵ | ବଆଲ | ଟ ୨୳/୧୦ | ବଆଲ | ଟ ୨୫/୮ | ବଆଲ | ଟ ୨।/ ୬ | |
| | | | ଟ ୨୳୷/୧୧ | ଅଉଲ | | ଅଉଲ | | ଅଉଲ | | |

| | ଗତ ବନ୍ଦୋବସ୍ତ ମୁତାବକ | | | ହାଲ ବନ୍ଦୋବସ୍ତ ମୁତାବକ ମଞ୍ଜୁର ରେଟ୍ ପ୍ରଥମ ଶ୍ରେଣୀ | | ଦ୍ୱିତୀୟ ଶ୍ରେଣୀ | | ତୃତୀୟ ଶ୍ରେଣୀ | | ମନ୍ତବ୍ୟ |
|---|---|---|---|---|---|---|---|---|---|---|
| ନମ୍ବର | ଫସଲ | କିସମ | ରେଟ୍ | ଫସଲ କିସମ | ରେଟ୍ | ଫସଲ କିସମ | ରେଟ୍ | ଫସଲ କିସମ | ରେଟ୍ | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| | | | ଟ ୨୳/୧୦ | | | | | | | |
| | | | ଟ ୨୴୷/ ୯ | | | | | | | |
| | | | ଟ ୨୴/ ୮ | | | | | | | |
| | | | ଟ ୨।/ ୬ | | | | | | | |
| | | | ଟ ୨ / ୪ | | | | | | | |
| | ବଆଲ | ଅଉଲ | ଟ ୨।୷/ ୬ | ବଆଲ | ଟ ୨୴/ ୮ | ବଆଲ | ଟ ୨।/ ୬ | ବଆଲ | ଟ ୨ / ୪ | |
| | | | ଟ ୨।/ ୬ | ଦୋୟମ | | ଦୋୟମ | | ଦୋୟମ | | |
| | | | ଟ ୨୷/ ୫ | | | | | | | |
| | | | ଟ ୨ / ୪ | | | | | | | |
| | | | ଟ ୧୳୷/ ୩ | | | | | | | |
| | | | ଟ ୧୳/ ୨ | | | | | | | |
| | | | ଟ ୧୴୷/ ୧ | | | | | | | |
| | | | ଟ ୧୴/ | | | | | | | |
| | | | ଟ ୧।୵/୧୧ | | | | | | | |
| | ବଆଲ | ଦୋୟମ | ଟ ୨ ୷/ ୫ | ବଆଲ | ଟ ୨।/ ୬ | ବଆଲ | ଟ ୨ / ୪ | ବଆଲ | ଟ ୧୳/ ୬ | |
| | | | ଟ ୨ / ୪ | ସୋୟମ | | ସୋୟମ | | ସୋୟମ | | |
| | | | ଟ ୧୳୷/ ୩ | | | | | | | |
| | | | ଟ ୧୳/ ୨ | | | | | | | |
| | | | ଟ ୧୴୷/ ୧ | | | | | | | |
| | | | ଟ ୧୴/ | | | | | | | |
| | | | ଟ ୧।୵/୧୧ | | | | | | | |
| | | | ଟ ୧। ୧୦ | | | | | | | |
| | | | ଟ ୧୧ ୮ | | | | | | | |
| | ଡାହୁଅ | ଅଉଲ | ଟ ୨୳୷/୧୧ | ଡାହୁଅ | ଟ ୨୴୷/୯ | ଡାହୁଅ | ଟ ୨।୷/୬ | ଡାହୁଅ | ଟ ୨ ୷/ ୫ | |
| | | | ଟ ୨୳/୧୦ | ଅଉଲ | | ଅଉଲ | | ଅଉଲ | | |
| | | | ଟ ୨।୷/ ୬ | | | | | | | |

| ଗତ ବନ୍ଦୋବସ୍ତ ମୁତାବକ | | | | ହାଲ ବନ୍ଦୋବସ୍ତ ମୁତାବକ ମଞ୍ଜୁର ରେଟ୍ | | | | | | ମନ୍ତବ୍ୟ |
|---|---|---|---|---|---|---|---|---|---|---|
| | | | | ପ୍ରଥମ ଶ୍ରେଣୀ | | ଦ୍ୱିତୀୟ ଶ୍ରେଣୀ | | ତୃତୀୟ ଶ୍ରେଣୀ | | |
| ନମ୍ବର | ଫସଲ | କିସମ | ରେଟ୍ | ଫସଲ କିସମ | ରେଟ୍ | ଫସଲ କିସମ | ରେଟ୍ | ଫସଲ କିସମ | ରେଟ୍ | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| | ଡାକୁଅ | ଦୋୟମ | ଟ ୨୷/ ୧୦ | ଡାକୁଅ ଦୋୟମ | ଟ ୨୲/ ୬ | ଡାକୁଅ ଦୋୟମ | ଟ ୨୲୵ | ଡାକୁଅ ଦୋୟମ | ଟ ୧୷୲/ ୩ | |
| | | | ଟ ୨।/ ୬ | | | | | | | |
| | | | ଟ ୨୲/ ୫ | | | | | | | |
| | ସଦର | ଅଉଲ | ଟ ୨।/ ୬ | ବାଜେ ଫସଲ ଅଉଲ | ଟ ୨ / ୪ | ବାଜେ ଫସଲ ଅଉଲ | ଟ ୧୷/ ୬ | ବାଜେ ଫସଲ ଅଉଲ | ଟ ୧୳/ | |
| | | | ଟ ୨୲/ ୫ | | | | | | | |
| | | | ଟ ୨ / ୪ | | | | | | | |
| | | | ଟ ୧୷୲/ ୩ | | | | | | | |
| | | | ଟ ୧୳୲/ ୧ | | | | | | | |
| | | | ଟ ୧୳/ | | | | | | | |
| | | | ଟ ୧। ୧୦ | | | | | | | |
| | | | ଟ ୧୶ ୯ | | | | | | | |
| | | | ଟ ୧୵ ୮ | | | | | | | |
| | ସଦର | ଦୋୟମ | ଟ ୨ / ୪ | ବାଜେ ଫସଲ ଦୋୟମ | ଟ ୨୷/ ୨ | ବାଜେ ଫସଲ ଦୋୟମ | ଟ ୧୳/ | ବାଜେ ଫସଲ ଦୋୟମ | ଟ ୧। ୧୦ | |
| | | | ଟ ୧୷୲/ ୩ | | | | | | | |
| | | | ଟ ୧୷/ ୨ | | | | | | | |
| | | | ଟ ୧୳/ | | | | | | | |
| | | | ଟ ୧।୶ ୧୧ | | | | | | | |
| | | | ଟ ୧। ୧୦ | | | | | | | |
| | | | ଟ ୧୶ ୯ | | | | | | | |
| | | | ଟ ୧୵ ୮ | | | | | | | |
| | | | ଟ ୦୷ ୬ | | | | | | | |
| | | | ଟ ୦୳୶ ୫ | | | | | | | |
| | ଡଇଲା | | ଟ ୧। ୧୦ | ଡଇଲା | ଟ ୦୳ ୪ | ଡଇଲା | ଟ ୦୳ ୪ | ଡଇଲା | ଟ ୦୳ ୪ | |
| | | | ଟ ୧୶ ୯ | | | | | | | |
| | | | ଟ ୧୵ ୮ | | | | | | | |
| | | | ଟ ୦୷ ୬ | | | | | | | |
| | | | ଟ ୦୳ ୪ | | | | | | | |
| | ବଗାୟତ | ବନ୍ଧ ଓ | ଟ ୦୳ ୪ | ବଗାୟତ | ଟ ୦୳ ୪ | ବଗାୟତ | ଟ ୦୳ ୪ | ବଗାୟତ | ଟ ୦୳ ୪ | |
| | ଅନ୍ୟାନ୍ୟ | ରୁଆ | ଟ ୩୶ | ଅନ୍ୟାନ୍ୟ | ଟ ୦।୶ ୩ | ଅନ୍ୟାନ୍ୟ | ଟ ୦।୶ ୩ | ଅନ୍ୟାନ୍ୟ | ଟ ୦।୶ ୩ | |
| | | | ଟ ୨୳୶ ୯ | | | | | | | |
| | | | ଟ ୦।୶ ୩ | | | | | | | |

## ସତ୍ତ୍ୱଓ୍ୟାରି ସାବକ ହାଲ୍ ଷ୍ଟେଟ୍‌ମେଣ୍ଟ୍

| ତଉଜିବ ନମ୍ବର | ବିବରଣ | ସାବକ ଅନୁସାରେ | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| | | ଖାତା ସଂଖ୍ୟା | ଜମିର ପରିମାଣ | କଷୋଠ ଜମା | ମିଛା, ଗଢ଼ବ ଗୁଡ଼, ଲଖରାଜ ଗୁଡ଼ ଠଙ୍କା ପ୍ରତି ୦ /୬ ଗୁଡ଼ ଓ ଅନ୍ୟାନ୍ୟ ଗୁଡ଼ | ନିଟ ଆଦାୟ ଜମା | ସେସ୍ | | | ସର୍ବମୋଟ ଆଦାୟ ଜମା | ଖାତା ସଂଖ୍ୟା | ଜମି | ସର୍ବମୋଟ ଜମା |
| | | | | | | | ଫରେଷ୍ଟ | ସ୍କୁଲ | ମୋଟ | | | ଏ ଡି | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧ | ଦେବୋତ୍ତର ନଷ୍କର .. | | | | | | | | | | | | |
| ୨ | ପିରୋତ୍ତର ନଷ୍କର .. | | | | | | | | | | | | |
| ୩ | ବ୍ରହ୍ମୋତ୍ତର ନଷ୍କର .. | | | | | | | | | | | | |
| ୪ | ଖଇରାତ ନଷ୍କର .. | | | | | | | | | | | | |
| ୫ | ଖମାର ନଷ୍କର .. | | | | | | | | | | | | |
| ୬ | ଖଞ୍ଜା ନଷ୍କର .. | | | | | | | | | | | | |
| ୭ | ବସନ୍ତ ପଞ୍ଚମୀ ଖଞ୍ଜା ନଷ୍କର | | | | | | | | | | | | |
| ୮ | ହାଡ଼ ଧାନ ଖଞ୍ଜା ନଷ୍କର | | | | | | | | | | | | |
| ୯ | ଗୃହରାନ ଜାଗିରୀ ନଷ୍କର .. | | | | | | | | | | | | |
| ୧୦ | ଦେବୋତ୍ତର ଠଙ୍କି .. | | | | | | | | | | | | |
| ୧୧ | ପିରୋତ୍ତର ଠଙ୍କି .. | | | | | | | | | | | | |
| ୧୨ | ବ୍ରହ୍ମୋତ୍ତର ଠଙ୍କି .. | | | | | | | | | | | | |
| ୧୩ | ଖଇରାତ ଠଙ୍କି .. | | | | | | | | | | | | |
| ୪ | ଦତ୍ତ ଅନୁଗ୍ରହୀ ଠଙ୍କି .. | | | | | | | | | | | | |
| ୧୫ | ଜରାଦରାନ ଠଙ୍କି .. | | | | | | | | | | | | |
| ୧୬ | ମହତ୍ତାଣ ଠଙ୍କି .. | | | | | | | | | | | | |
| ୧୭ | ବାଜେ ଗୃହରାନ ଜାଗିରୀ | | | | | | | | | | | | |
| ୧୮ | ଦେଶ ହେତା ଜାଗିରୀ .. | | | | | | | | | | | | |
| ୧୯ | ଦଫାଦାର ଚୌକିଦାର ଜାଗିରୀ ଠଙ୍କି . | | | | | | | | | | | | |
| ୨୦ | ସରକାର ଭୋଗରା .. | | | | | | | | | | | | |
| ୨୧ | ଗୃହନା .. | | | | | | | | | | | | |
| ୨୨ | ଥାନା .. | | | | | | | | | | | | |
| ୨୩ | ପାହ୍ନ ପାଞ୍ଜିଆ ଜାଗିରୀ .. | | | | | | | | | | | | |
| ୨୪ | ପାଇକାନ .. | | | | | | | | | | | | |
| ୨୫ | ଇସ୍ତଫା ବାବଦ ନମ୍ବାବାରୀ ରଯ୍ଯତାନ | | | | | | | | | | | | |
| ୨୬ | ଅନାବାଦ .. | | | | | | | | | | | | |
| ୨୭ | ଫରେଷ୍ଟ .. | | | | | | | | | | | | |
| | ଛଂ କିଲ୍ଲୁ .. | | | | | | | | | | | | |

ଉପରୋକ୍ତ ଷ୍ଟେଟ୍‌ମେଣ୍ଟ୍‌ରୁ ଦେଖାଯାଏ ଯେ ସମସ୍ତ ମୌଜାର ସାବକରେ ଥିବା ଜମି ମା ୧୫,୫୩୦ । ୨୦ ୬ରୁ ଠ ୧୮,୬୯୪ ୫ ୩ ରେଟ ହେଉ ଅଛି ।

ଜିଲା ଡିଗିରିଆ ସେଟଲ୍‌ମେଣ୍ଟ୍ ବାବଦ

| ଉକ୍ତ ବନ୍ଦୋବସ୍ତ ଅନୁସାରେ | | | | | | | | | | ପ୍ରଭେଦର ବିବରଣ | | | | ମନ୍ତବ୍ୟ |
|---|---|---|---|---|---|---|---|---|---|---|---|---|---|---|
| ଛାଡ଼ର ବିବରଣ | | | | ନିଟ ଆଦାୟ ମୋଫସଲ ଜମି | ସେସ୍ | | | | ସର୍ବମୋଟ ଆଦାୟ ଜମା | ଜମି | | ଜମା | | |
| ମିଛା | ଗରିବ ଛାଡ଼ | ଲାଖରାଜ ଛାଡ଼ | ମୋଟ | | ବନ କର | ଶିକ୍ଷା କର | ଚୌକିଦାରୀ କର | ମୋଟ | | କମି | ବେଶି | କମି | ବେଶି | |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| | | | | | | | | | | | | | | |

ଜମାଥିବା ସ୍ଥଳେ ହାଲକୁ ଟ ୨୭,୨୬୦-୨୯କୁ ଟ ୨୪,୭୨୨ ୳ ୯ ଜମା ହୋଇଅଛି । ହାଲ ଜମାବନ୍ଦ ହାରାହାରି ଏକର ପ୍ରତି ଟ ୧ ୳ ୩

୩୩ । ଏ ଜିଲ୍ଲାରେ ପୂର୍ବରୁ ବିନାନୁମତିରେ ବିକ୍ରି କରାଯାଇଥିବା ଜମି ବାୟ୍ନା ଓ ମୁସ୍ତାଜିରମାନଙ୍କ ଦିଆ ନ ଯାଇ ମାନନୀୟ ଶ୍ରୀଯୁକ୍ତ ପଲ୍‌ଟିକାଲ ଏଜେଣ୍ଟ୍ ସାହେବ ବାହାଦୁରଙ୍କ ନ       ମ୍ବର ତା       ରିଖର ଚିଠିର ମଞ୍ଜୁରମତେ ସେ ଜମିସବୁ ଷ୍ଟେଟ ସାମିଲ କରାଯିବାର ଆଦେଶ ଥିଲେ ସୁଦ୍ଧା ଚଳିତ ବନ୍ଦୋବସ୍ତ ସମୟରେ ପ୍ରଜାମାନେ ଗତ ବନ୍ଦୋବସ୍ତଠାରୁ ପୂର୍ବ ଦୁର୍ଭିକ୍ଷ ସନ୍ ୧୯୧୮-୧୯ ମସିହାରେ ନିଜର କୁଟୁମ୍ବମାନଙ୍କ ଭରଣ ପୋଷଣ କରିବାପାଇଁ ଓ ଯେଉଁ ଜମିସବୁ ବିନାନୁମତିରେ ଆପଣା ଆପଣା ମଧ୍ୟରେ ହସ୍ତାନ୍ତର କରିଥିଲେ ତାହା ଓ ଆଉ ଅଳ୍ପ କେତେକ ନିଜର ଅତି ଆବଶ୍ୟକୀୟ ଖର୍ଚ୍ଚ ସକାଶେ ହସ୍ତାନ୍ତର କରିଥିବା ଜମିସବୁ ଏ ବନ୍ଦୋବସ୍ତରେ ମଞ୍ଜୁର କରାଯାଇ ସେମାନଙ୍କଠାରୁ ପୂର୍ବ ପ୍ରଚଳିତ ରେଟ୍‌ରେ ପ୍ରଥମ ଶ୍ରେଣୀ ପ୍ରସ୍ତାବ ହୋଇଥିବା ମୌଜାମାନଙ୍କରେ ସଲାମି ନିଆଯାଇ ଅନ୍ୟାନ୍ୟ ଶ୍ରେଣୀ ମୌଜାମାନଙ୍କରେ ଆନୁମାନିକ କେତେକ ରେଟ୍ କମି ବେଶି କରି ଦିଆଯାଇଥିବାରୁ ଯେଉଁ ଶ୍ରେଣୀ ମୌଜାମାନଙ୍କରେ ଯେଉଁ ରେଟ୍‌ରେ ଷ୍ଟେଟ ସଲାମି ନିଆଯାଇଅଛି ତାହା ନିମ୍ନରେ ଉଲ୍ଲେଖ କରାଗଲା, ଯଥା :—

| ଫସଲ | | କିସମ | | ପ୍ରଥମ ଶ୍ରେଣୀ ମାଣ ପ୍ରତି ଟଙ୍କା ଅଣା | ଦ୍ୱିତୀୟ ଶ୍ରେଣୀ ମାଣ ପ୍ରତି ଟଙ୍କା ଅଣା | ତୃତୀୟ ଶ୍ରେଣୀ ମାଣ ପ୍ରତି ଟଙ୍କା ଅଣା |
|---|---|---|---|---|---|---|
| ଘର | .. | .. | .. | ୧୨୫ | ୯୩୪ | ୯୩୪ |
| ବାଗ | .. | .. | .. | ୧୨୫ | ୯୩୪ | ୯୩୪ |
| ଶାରଦ | .. | ଅଉଲ | .. | ୭୫ | ୬୨୨ | ୫୦ |
| ଶାରଦ | .. | ଦୋୟମ | .. | ୬୨୨ | ୫୦ | ୩୭୨ |
| ଶାରଦ | .. | ସୋୟମ | .. | ୩୭୨ | ୩୭୨ | ୩୧ । |
| ବିଆଲି | .. | ଅଉଲ | .. | ୫୦ | ୫୦ | ୩୭୨ |
| ବିଆଲି | .. | ଦୋୟମ | .. | ୪୩୪ | ୪୩୪ | ୩୭୨ |
| ବିଆଲି | .. | ସୋୟମ | .. | ୩୭୨ | ୩୭୨ | ୨୫ |
| ଡାଳୁଅ | .. | ଅଉଲ | .. | ୫୦ | ୫୦ | ୩୭୨ |
| ଡାଳୁଅ | .. | ଦୋୟମ | .. | ୩୭୨ | ୩୭୨ | ୩୧ । |
| ବାଜେ ଫସଲ | .. | ଅଉଲ | .. | ୩୧ । | ୩୧ । | ୨୫ |
| ବାଜେ ଫସଲ | .. | ଦୋୟମ | .. | ୨୫ | ୨୫ | ୧୮୪ |
| ତଇଲା | .. | .. | .. | ୧୮୪ | ୧୮୪ | ୧୨୨ |
| ବଗାଏତ | .. | .. | .. | ୧୨୨ | ୧୨୨ | ୧୨୨ |
| ଅନ୍ୟାନ୍ୟ | .. | .. | .. | ୧୨୨ | ୧୨୨ | ୧୨୨ |

ଏବାଦ୍ ନୂଆ ପାଟଣା, ଜେମାଦେଇପୁର ପାଟଣା, ବାଙ୍ଗାଣି ମା, ଗୋଡ଼ ଝରିଆ ଓ କାନ୍ଧବର ମୌଜାମାନଙ୍କରେ ବ୍ୟବସାୟୀ ଜାତି ଅଧିକାଂଶ ବାସ କରୁଥିବାରୁ ସେ ମୌଜାରେ ଘରବାଗ ଏକର ପ୍ରତି ଟ ୧୮୭୨ ହିସାବରେ ନିଆଯାଇଅଛି ।

୩୪ । ଏ ଜିଲ୍ଲାରେ ଗତ ବନ୍ଦୋବସ୍ତଠାରୁ ଏ ପର୍ଯ୍ୟନ୍ତ ସମୟ ମଧ୍ୟରେ ସନ୍ ୧୯୧୮-୧୯ ମସିହାରେ ଗୋଟିଏ ଭୟଙ୍କର ଦୁର୍ଭିକ୍ଷ ହୋଇଥିଲା, ସେଥିରେ ମୟୂରଭଞ୍ଜ ଷ୍ଟେଟ୍‌ରୁ ଟ       ଙ୍କା କରଜ ଅଣାଯାଇ ପ୍ରଜାମାନଙ୍କୁ ଉକ୍ତ ଦୁର୍ଭିକ୍ଷରୁ ବଞ୍ଚାଇବା ନିମନ୍ତେ ଖରଚ କରାଯାଇଥିବାରୁ ସେ ଟଙ୍କାପରିଶୋଧ ଓ ଗତ ବନ୍ଦୋବସ୍ତଠାରୁ ଏ ବନ୍ଦୋବସ୍ତ ମଧ୍ୟରେ ରାଜପରିବାର ମଧ୍ୟରେ ସାନଜେମା ସାମନ୍ତଙ୍କ ବିବାହ ଓ ଭୂତପୂର୍ବ ରାଜାଙ୍କର ପରଲୋକରେ ଶ୍ରାଦ୍ଧ ଖର୍ଚ୍ଚ ବହନ କରିବାକୁ ପଡ଼ିଥିବା ଯୋଗେ କୃଷି କିମ୍ବା ଜଳସେଚନ ବିଭାଗରେ ବିଶେଷ କିଛି ଉନ୍ନତି ସାଧନ କରାଯାଇ ପାରିନାହିଁ । ଷ୍ଟେଟ୍‌ର ଆର୍ଥିକ ଅବସ୍ଥା ଉନ୍ନତ ନ ଥିବାରୁ ପ୍ରଜାମାନଙ୍କର ଅବସ୍ଥା ଉନ୍ନତ ହୋଇନାହିଁ ।

## V

ହାଲ ବନ୍ଦୋବସ୍ତରେ ଏ.ଜିଲ୍ଲାର ଗୋ-ମେଷାଦି ତାଲିକା ନିମ୍ନରେ ଦିଆଗଲା—

ଗୋ-ମେଷାଦି ପଶୁ ତାଲିକା କ: ଡଗିରିଆ

| କ୍ରମିକ ନମ୍ବର | ପ୍ରଜାର ନାମ | ଗାଡ଼ି | ଲଙ୍ଗଳ | ଗୋରୁ | | | | ମଇଁଷି | | | | ଘୋଡ଼ା | ଛେଳି | ମେଣ୍ଢା | ହାତୀ | ହରିଣ | ମୋଟ | ମନ୍ତବ୍ୟ |
|---|---|---|---|---|---|---|---|---|---|---|---|---|---|---|---|---|---|---|
| | | | | ଷଣ୍ଢ | ବଳଦ | ଗାଈ | ବାଛୁରୀ | ଷଣ୍ଢ | ପଡ଼ା | ମଇଁଷି | ବାଛୁରୀ | | | | | | | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୧ | ମୋଟ ଜିଲ୍ଲାର ସଦର | | | | | | | | | | | | | | | | | |

୩୫ । ଲୋକମାନଙ୍କର ସାଧାରଣ ଅବସ୍ଥା—ଏ କିଲ୍ଲାର କବୁଲିୟତ ଜମି ଖା ୧୧୨୧୭ ତାଲୁ ଏ ୧୭୨୬୦-୧୯ ଅଛି । ସେଥିମଧ୍ୟରୁ ଘରବାଡ଼ି ବଗାଏତ ଓ ଅନ୍ୟାନ୍ୟ ବାଉଁଳିଆ ଓଗେରେ ବାଦ ଗଲେ ନିଟ୍ ଆବାଦ ଫସଲବନ୍ଦ ରକବା ଏ ୧୪୬୪୮-୪୯, ଅଛି । ଉକ୍ତ ରକବା ମଧ୍ୟରୁ ମୋଟ ଧାନ ଜମି ଯଥା :—

| | | ଏ: ଡେ: |
|---|---|---|
| ଶାରଦ, ଅଉଲ | .. | ୪,୩୯୯·୩୨ |
| ଶାରଦ, ଦୋୟମ | .. | ୩,୨୪୩·୭୨୫ |
| ଶାରଦ, ସୋୟମ | .. | ୨,୭୨୫·୯୭ |
| ବିଆଳି, ଅଉଲ | .. | ୧,୨୪୫·୩୭-୫ |
| ବିଆଳି, ଦୋୟମ | .. | ୫୮୯·୫୧ |
| ବିଆଳି ସୋୟମ | .. | ୧୭୨·୦୪ |
| ଡାଲୁଆ, ଅଉଲ | .. | ୪୩୬·୮୭ |
| ଡାଲୁଆ, ଦୋୟମ | .. | ୧୧୪·୮୭ |
| | | ୧୨,୯୧୯·୭୨ ଜମି ହେଉଛି |

ଏ କିଲ୍ଲାର ଲୋକସଂଖ୍ୟା ୨୪,୮୨୨ ଜଣକୁ ଧାନ ଆମଦାନୀ ଧରାଗଲେ ଜଣପ୍ରତି ଏ ୦·୫୨ ପଡୁଅଛି । ଏହା ଭରଣ ପୋଷଣ ନିମନ୍ତେ ହାରାହାରି ବାର୍ଷିକ ଆମଦାନୀ ବାରପଣ କୃଷି ହେଲେ ସେଥିରେ ସୁଖ ସ୍ୱଚ୍ଛନ୍ଦରେ ଚଳିବାର ଅନୁମାନ ହେଉ ନାହିଁ । ଅନ୍ୟାନ୍ୟ ବାକି ଫସଲରୁ ଲୋକମାନଙ୍କର ନ୍ୟାୟ୍ୟ ନିମିତ୍ତ ପାଇଁ ଛାଡ଼ି ଦେଲେ ପ୍ରଜାମାନଙ୍କର ଚଳାଚଳ ସ୍ୱଚ୍ଛନ୍ଦ ନୁହେଁ । ସେଥି ନିମନ୍ତେ ଏ କିଲ୍ଲାର ଧାନଚାଉଳ ବିକ୍ରି ଖୁବ୍ କମ ପରିମାଣରେ । ଯାହାକି ଏକ ପ୍ରକାର ନାହିଁ କହିଲେ ଚଳେ, ସେଥି ନିମନ୍ତେ ନିକଟବର୍ତ୍ତୀ କିଲ୍ଲା ଢେଙ୍କାନାଳ ହିନ୍ଦୋଳ, ଅନୁଗୁଳରୁ ଧାନ ଚାଉଳ ଆଦି ଆସି ବିକ୍ରି ହେବାଦ୍ୱାରା ବ୍ୟବସାୟୀ ଲୋକମାନେ ଭରଣ ପୋଷଣ ହୁଅନ୍ତି । ମୋଟ ରଇୟତାନ ଖାତା ୮୫୮୭ କୁ ଏ ୯,୫୧୯-୭୨ ଜମି ଥିବାରୁ ସେଥିରେ ହାରାହାରି ଖାତାପ୍ରତି ଏ ୧·୧୧ ଜମି ପଡୁଅଛି ।

ସେଥିରେ ଏକ ଏକର ତହିଁ ମଧ୍ୟରେ ଖା ୬୦୫୪ ତା
ଏ୨·୦୦ ଓ ତହିଁ ମଧ୍ୟରେ ଖା ୧୨୦୫ ତା
ଏ୫·୦୦ ଓ ତହିଁ ମଧ୍ୟରେ ଖା ୯୯୮ ତା
ଏ୧୦-୦୦ ଓ ତହିଁ ମଧ୍ୟରେ ଖା ୨୫୮ ତା
ଏ୨୦-୦୦ ଓ ତହିଁ ମଧ୍ୟରେ ଖା ୬୩ ତା
ଏ୩୦-୦୦ ଓ ତହିଁ ମଧ୍ୟରେ ଖା ୪ ତା
ଏ୪୦-୦୦ ଓ ତହିଁ ମଧ୍ୟରେ ଖା ୫ ତା ଅଛି ।

ମୋଟ ଲୋକ ସଂଖ୍ୟା ୨୪୮୨୨କୁ ଖା ୮-୫୮୭ ତା ହେଉଥିବାରୁ ଖାତା ପ୍ରତି ଲୋକ ଜଣ ଧରାଗଲେ ଭରଣପୋଷଣ ପାଇ ଉଦ୍‌ବୃତ୍ତ ହେବା ସମ୍ଭବ ନୁହେଁ । ସେଥି ନିମନ୍ତେ ଏ କିଲ୍ଲାରେ ରାଜଖମାର ବ୍ୟତୀତ ଅନ୍ୟାନ୍ୟ ପ୍ରଜାମାନଙ୍କ ହାତରେ ବେଶି ପରିମାଣରେ ଧାନ କାହାର ହାତରେ ନାହିଁ କହିଲେ ଚଳେ । ସମୟରେ ଦୁର୍ଭିକ୍ଷ ହେଲେ କୌଣସି ପ୍ରକାରେ ଏ କ୍ଷେତ୍ର ଆମଦାନୀରୁ ଲୋକମାନଙ୍କୁ ବଞ୍ଚାଇବାର କିଛିମାତ୍ର ଉପାୟ ନାହିଁ । ସେଥି ନିମନ୍ତେ ରାଜସର୍କାର ଖମାରରେ ଯେତେ ଦୂର ସମ୍ଭବ ଧାନ ସଞ୍ଚୟକରି ଆବଶ୍ୟକ ଥିବାରୁ ବାର୍ଷିକ କିଛି କିଛି ଧାନ କଣା ଯିବାର ପ୍ରଥା ଅଛି । ଏବାଦ୍ କେତେକ ମୌଜାରେ ଭଗବତ ଧାନ, ଗ୍ରାମବାସୀଙ୍କ ଗୃହାଦ୍ୱାରା ଏକତ୍ର କରାଯାଇ ଯାହା ଗଚ୍ଛିତ ଅଛି ତାହା କ୍ରମଶଃ ବୃଦ୍ଧି ହେବାପାଇଁ ଯତ୍ନ କରାଯାଏ ।

ଏ କିଲ୍ଲାରେ ଅନ୍ୟ କିଲ୍ଲା ତୁଳନାରେ ବ୍ୟବସାୟୀ ଜାତି ଅର୍ଥାତ, ତନ୍ତି, ପାଠରା, ବଣିଆ, ଖଡ଼ୁରା କଂସାରି, ତେଲି ଓ ଗୁଡ଼ିଆ ଆଦି ବାସ କରୁଥିବା ଲୋକମାନେ ଅନ୍ୟାନ୍ୟ ଗଡ଼ଜାତ ମାନଙ୍କରେ ନାନା ପ୍ରକାର ବ୍ୟବସାୟ ସୁଖ ଓ ସ୍ୱଚ୍ଛନ୍ଦରେ କୁଟୁମ୍ବ ଭରଣ ପୋଷଣ କରୁଥିଲେ । ସନ୍ ୧୯୧୮-୧୯ ମସିହା ଦୁର୍ଭିକ୍ଷ ଠାରୁ ସେମାନେ କେତେକ ଜମି ଖରିଦ କରିଥିବା ପରେ ବ୍ୟବସାୟ ନିତାନ୍ତ ମାନ୍ଦା ହୋଇ ଯାଇଥିବାରୁ ସେମାନଙ୍କ ଅବସ୍ଥା ବର୍ତ୍ତମାନଙ୍କୁ ଖରାପ ହୋଇ ଯାଇଅଛି । ଏ କିଲ୍ଲାରେ ଅଧିକାଂଶ ମୌଜା ଧୋୟା ଅଛି । ବିଶେଷତଃ ମହାନଦୀ କୂଳସ୍ଥ କୁଲାଠ ପ୍ରଗଣା ମୌଜା ଜମିସବୁ ଧୋଇଦ୍ୱାରା ନଷ୍ଟ ହେଉଥିବାରୁ ସେମାନେ ବେଶି ଧାନ ଫସଲ ପାଆନ୍ତି ନାହିଁ । ସେଥି ସକାଶେ ସେମାନେ ହରଡ଼, ମୁଗକୋଳଥ, ଆଖୁ, ସାରୁ, ବାଇଗଣ, କନ୍ଦମୂଳ ଫୁଟି, କାକୁଡ଼ି ଓ ବୋଇତାଳୁକଖାରୁ ଆଦି ନାନା ପ୍ରକାର ଦେଶି ପନିପରିବା ପ୍ରସ୍ତୁତକରି ତାହା ବିକ୍ରିମୂଲ୍ୟରେ ଧାନଚାଉଳ କିଣି ଜୀବିକା ନିର୍ବାହ କରନ୍ତି । ମଧ୍ୟଖଣ୍ଡ ଓ ଛତ୍ରଗଡ଼ ପ୍ରଗଣା ଲୋକ-ମାନଙ୍କ ଅବସ୍ଥା ସେମାନଙ୍କ ଅପେକ୍ଷା ଭଲଥିଲେ ସୁଦ୍ଧା ସେମାନଙ୍କର କବୁଲିୟତ ଜମି ଅତି ଅଳ୍ପ ଥିବା ଓ ବିଶେଷତଃ ଏ କିଲ୍ଲାରେ, ବ୍ରହ୍ମୋତ୍ତର, ଠାକୁର ଓ ରୟତି ଗୃହଜମି ମଧ୍ୟରେ ସେମାନଙ୍କର ସିକିମି ସ୍ୱତ୍ୱ ଜମିମାନଙ୍କରେ ପୂର୍ବରୁ ଅଧିକାଂଶ ଜମି ସଞ୍ଜା ଓ ଧୂଳିଭାଗ ଥିବାରୁ ସେମାନେ ତାହାପ୍ରତି ସନ ମାଲିକ ପ୍ରଜାମାନଙ୍କୁ ଆଦାୟ ଦେବାରେ ସୁଖରେ ରହିପାରୁ ନାହାନ୍ତି । କେବଳ କୁଲାଠ ପ୍ରଗଣା ଧୋୟ ମୌଜା ବାସିନ୍ଦାମାନଙ୍କ ଅପେକ୍ଷାକୃତ ସାମାନ୍ୟ ସୁସ୍ଥ କହିଲେ ଚଳେ । ଏ କିଲ୍ଲାରେ, ବ୍ରାହ୍ମଣ, କ୍ଷତ୍ରୀୟ କରଣ ମାନଙ୍କର ଅଧିକାଂଶ ଜମି ପ୍ରଜାମାନଙ୍କର ପୂର୍ବରୁ ସିକିମ ସ୍ୱତ୍ୱ ହୋଇଯାଇଥିବାରେ ସେମାନେ ତହିଁର ପ୍ରାପ୍ୟ ସଞ୍ଜା, ଭାଗ ଓ ଖଜଣା ଆଦିରେ ଚଳନ୍ତି । କୃଷିକାରି ମାନେ ସେମାନଙ୍କ ଉଦ୍ୟମ ଅନୁସାରେ ଯଥେଷ୍ଟ ପରିଶ୍ରମ କରୁଥିଲେ ସୁଦ୍ଧା କ୍ଷେତ୍ରରେ ଆୟ ଖୁବ୍ କମ୍ ଥିବାରୁ କୃଷି ବିଭାଗ ଓ ଜଳ ସେଚନ ବିଭାଗରେ କିଛି ସେମାନଙ୍କୁ ସାହାଯ୍ୟ କରାଯାଇପାରୁ ନଥିବାରୁ କିଲ୍ଲାର ଅର୍ଥନୈତିକ ଅବସ୍ଥା ଉନ୍ନତି କରାଯାଇ ପାରି ନାହିଁ । ଏହି ସେଟଲମେଣ୍ଟ୍ ଶେଷରେ ସେଥିପାଇ କୃଷିବିଭାଗରେ ଜଣେ କର୍ମଚାରୀ ରଖାଯାଇ ବିହନ ଆଦି ଖରିଦ କରାଯାଇ ପ୍ରଜାମାନଙ୍କର ଆବଶ୍ୟକ ସମୟେ ସେମାନଙ୍କୁ ଦିଆଯିବା ପ୍ରତି ବ୍ୟବସ୍ଥା କରାଯିବାର ପ୍ରସ୍ତାବ ଅଛି । ଏ କିଲ୍ଲା ମଧ୍ୟରେ ଥିବା ବ୍ୟବସାୟୀ ବାସିନ୍ଦା ଲୋକମାନେ

ବିଦେଶ ଯାଇ ସେଠାରେ ବ୍ୟବସାୟ ଆଦି କରି କୁଟୁମ୍ବ ଭରଣପୋଷଣ କରନ୍ତି । ଏ ସବୁ କାରଣରୁ ଅନ୍ୟ ଜିଲ୍ଲା ତୁଳନାରେ ଏ ଜିଲ୍ଲା ଲୋକମାନେ ଗରିବ । ଗରିବ ଥିବା ପ୍ରଯୁକ୍ତ ସେମାନଙ୍କ ଉପରେ ପାର୍ଶ୍ୱବର୍ତ୍ତୀ ଜିଲ୍ଲା ରେଟରେ ଜମାବନ୍ଦି କରା ନ ଯାଇ ସେଥିପାଇଁ ସ୍ୱତନ୍ତ୍ର ବିଗୃରରେ ଜମାବନ୍ଦି ହୋଇଅଛି । ଏ ଲୋକମାନଙ୍କର ସ୍ୱଭାବ ସାଧାରଣତଃ ଭଦ୍ର, ଭୟଶୀଳ ଓ ଶାନ୍ତିପ୍ରିୟ ଅଟେ । ନିମ୍ନ ଶ୍ରେଣୀର ଲୋକମାନେ ନିତାନ୍ତ ନିରିହ ଅଟନ୍ତି । ଏମାନେ ପୂର୍ବାନୁବୃତ୍ତିରେ ସାଧାରଣତଃ ଯାହା ଫସଲ କରି ଆସୁଥିଲେ ତଦନୁସାରେ ସାଧାରଣତଃ ଧାନ, ମୁଗ, ବିରି, କୋଲଥ, ଆଖୁ ଓ ପନିପରିବା ଆଦି କରୁଅଛନ୍ତି । ନାନାପ୍ରକାର କୃଷିର ଉନ୍ନତି କରିପାରି ନାହାନ୍ତି । ଏସବୁ କାରଣରୁ ପ୍ରଜାମାନେ ସେମାନଙ୍କ ଜମି ଷ୍ଟେଟ୍ ବିନାନୁମତିରେ ବନ୍ଧକ କରୁଥିଲେ, ତାହା ଷ୍ଟେଟ୍ ସାମିଲ କରିଦିବା ନିୟମ ଥିଲେ-ସୁଦ୍ଧା ସେଥିରେ ସ୍ଥାନ ବିଶେଷରେ କିଛି ତତ୍ତ୍ୱ ନିଆ ନ ଯାଇ ଛାଡ଼ିଦିଆଯାଏ ।

୩୬—ସାଧାରଣତଃ ନିମ୍ନଲିଖିତ ମତେ ଫସଲ ଅମଦାନି ହେଉଥିବାର ଜଣାଯାଏ ଯଥା:—

| | | | | |
|---|---|---|---|---|
| ଶାରଦ | ଅଉଲ | ଏକର | ପ୍ରତି | ସେ ୧୮।୦୯ |
| ଶାରଦ | ଦୋୟମ | ,, | ,, | ସେ ୧୬।୦୯ |
| ଶାରଦ | ସୋୟମ | ,, | ,, | ସେ ୧୪।୦୯ |
| ବିଆଳି | ଅଉଲ | ,, | ,, | ସେ ୧୬।୦୯ |
| ବିଆଳି | ଦୋୟମ | ,, | ,, | ସେ ୧୨।୦୯ |
| ବିଆଳି | ସୋୟମ | ,, | ,, | ସେ ୮।୦୯ |
| ଡାଲୁଅ | ଅଉଲ | ,, | ,, | ସେ ୧୬।୦୯ |
| ଡାଲୁଅ | ଦୋୟମ | ,, | ,, | ସେ ୧୨।୦୯ |

୩୭—ଏ ଜିଲ୍ଲାରେ ନୂଆ ପାଟଣା ଓ ମୋଦେଇପୁର ପାଟଣାରେ ପାଟ, ମଠା, ଓ ମାଣିଆବନ୍ଧ ଲୁଗା ବୁଣାଯାଏ । ସେଥି ନିମନ୍ତେ ଓଡ଼ିଶା ପ୍ରଦେଶ ମଧ୍ୟରେ ଉକ୍ତ ସ୍ଥାନ ପ୍ରସିଦ୍ଧ ବୋଲି ଖ୍ୟାତ ଅଛି । ଅନ୍ୟାନ୍ୟ ମୌଜାରେ ଥିବା, ବଣିଆ, ଦରଜି, ବଢ଼େଇ, କମାର ଆଦି ପ୍ରସିଦ୍ଧ କାରିଗର ସବୁ ଅଛନ୍ତି । ସେମାନଙ୍କ କାରିଗରୀ ଉତ୍ତମ ଥିଲେ ସୁଦ୍ଧା ସେମାନେ ରାଜବାଟୀ ଗୃକର ଥିବାରୁ ବେତନ ସକାଶେ ପାଉଥିବା ଗୃକରାନ୍ ଜାଗିର ଠିକି ଜମି ଭୋଗକରି କୁଟୁମ୍ବ ପ୍ରତିପୋଷଣ କରନ୍ତି । ସେମାନଙ୍କ ବ୍ୟବସାୟରେ ଉନ୍ନତିକରି ତଦ୍ୱାରା ନିଜର ଅବସ୍ଥାର ଉନ୍ନତି କରିବାର ଇଚ୍ଛା ସେମାନଙ୍କର ବଳବତୀ ନୁହେଁ । ଏଣୁ ଗୃହ ବାସ କରି ରହିବାକୁ ପ୍ରିୟ ମଣୁଥିବା ଅଭ୍ୟାସ କ୍ରମେ ଅବନତି ହେଉଅଛି । ନୂଆ ପାଟଣା ଓ କେମାଦେଇପୁର ପାଟଣା ବାସିନ୍ଦା ତନ୍ତିମାନଙ୍କର ପାଟ ଓ ଲୁଗାରେ ବର୍ତ୍ତମାନ ଲାଭ ହେଉ ନ ଥିବାରୁ ସେ ବ୍ୟବସାୟ ସେମାନେ କ୍ରମେ କ୍ରମେ କମାଇ ଜମି ଚୃଷକରି କୁଟୁମ୍ବ ପ୍ରତିପୋଷଣ କରୁଅଛନ୍ତି । ଏ ଜିଲ୍ଲାର ପ୍ରସ୍ତୁତ ଜିନିଷମଧ୍ୟରେ ପାଟଲୁଗା, ମଠାଲୁଗା, ମାଣିଅବନ୍ଧ ଯୋଡ଼ ଓ ଶାଢ଼ି ଆଦି ପ୍ରଧାନ ଅଟେ । ତମମାନେ ମଧ୍ୟ ଉତ୍କୃଷ୍ଟ ବେତ ପେଡ଼ି ଓ ଚୌକିଇ ଆଦି କରନ୍ତି । ଏତଦ୍ ବ୍ୟତୀତ ବାଣାକାରଙ୍କର ତିୟାରି ଉତ୍କୃଷ୍ଟ ବାଣ ଓ କୃଷକ ମାନଙ୍କର ଗୁଡ଼ ପ୍ରଧାନ ଅଟେ ।

ଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଗୁଡ଼, ପାଟ ମଠା, ମାଣିଆବନ୍ଧ ଲୁଗା କୋଚଲା ଓ ସିମିଳି ତୁଳା ଆଦି ପଠାଯାଏ । ବ୍ୟବସାୟ ଚଳାଇବା ସକାଶେ ଜିଲ୍ଲାର ଦକ୍ଷିଣ ଦିଗରେ ପଶ୍ଚିମରୁ ପୂର୍ବକୁ ମହାନଦୀ ପ୍ରବାହିତ ହେଉଥିବାରୁ ସେଥିରେ ଡଙ୍ଗାଦ୍ୱାରା ମାଲ ରପ୍ତାନି ହେବାର ସୁବିଧା ଥିଲେ ସୁଦ୍ଧା ଅତି ଅଳ୍ପ ଲୋକ ବ୍ୟବସାୟ କରନ୍ତି ।

ଖରିଦ ବିକ୍ରି ଜମିର ଖା: ଦା: ଫି: ପ୍ରତ୍ୟେକ ଖାତା ପାଇଁ କଲିକ୍ଟ ସକାଶେ ଟ୧ ଙ୍କା ଓ ବିନାନୁମତି ବଦଳ ଫି ଓ ଭୁଲ ସଂଶୋଧନ ଫିସ ଟ୧ଙ୍କା ହିସାବେ ନିଆଯାଇ ଓ୍ୱାରସ ଖା: ଦା: ଫି:ପ୍ରତ୍ୟେକ ଖାତା ପାଇଁ ହାଲ ରକବା ଉପରେ ପ୍ରଜାର ଅଂଶ ସକାଶେ ଏକର ପ୍ରତି ଟ୦୷ ହିସାବେ ନିଆ ଯାଇଅଛି । ବିନାନୁମତି ଦାନ ସକାଶେ ଜମିର ମୂଲ୍ୟ ଉପରେ ଷ୍ଟେଟ୍ ନିୟମ ମତେ ଟ୫୦ଙ୍କା ମଧ୍ୟରେ ଖା: ଦା: ଫି: ଟ ଙ୍କା ଓ ତଦୁର୍ଦ୍ଧ ଟ୧୦୦ଙ୍କା ପର୍ଯ୍ୟନ୍ତ ଟଙ୍କା ଧାର୍ଯ୍ୟ କରାଯାଇ ତହିଁ ଉପରେ ଭେଟକେଷ୍ଟ ଫିସ୍ ଷ୍ଟେଟ୍ ଭୁଲ ମତେ ଯଥାକ୍ରମେ ଟ୧୧ ଓ ଟ୨୧ ଙ୍କା ହୋଇଅଛି । ଏ ବନ୍ଦୋବସ୍ତ ମାପରେ ସାବିକ ଜମି ସହିତ ପ୍ରଜାମାନେ ମିଶାଇଥିବା ସରକାରୀ ଅନାବାଦୀ ଜମି ସାବିକ ଉଇଁରିଆ ମାପରେ ଉଦ୍‌ବୃତ୍ତ ହୋଇଥିବା ଜମି ମଧ୍ୟ ଏକର ପ୍ରତି ୫୦-୦୫ ଛାଡ଼ ଦିଆଯାଇ ବାକି ବୃଦ୍ଧି ରକବା ସକାଶେ ମୌଜାର ଭିଲେଜ ହାରିହାର ରେଟରେ ୩ ବର୍ଷର ଖଜଣା ଷତି ପୂରଣ ସ୍ୱରୂପ ନିଆଯାଇ ସେହି ଜମି ସେମାନଙ୍କ ନାମରେ ବନ୍ଦୋବସ୍ତ ଦିଆଯାଇ ଅଛି । ନିସ୍କର ଭୋଗି ଓ ଠିକାଦାରମାନଙ୍କର ବୃଦ୍ଧି ଜମି ଉପରେ ଉପରୋକ୍ତ ମତେ ଏକର ପ୍ରତି ୫୦-୦୫ ଏଲାଉନ୍‌ସ ବାଦ ଦିଆଯାଇ ଅବଶିଷ୍ଟ ଯଥାକ୍ରମେ ଠିକା ଓ ରୟତିରେ ତରଫି କରାଯାଇଅଛି । ତହିଁ ପାଇଁ ଏକର ପ୍ରତି ଟ ୧୷/୩ ହିସାବେ ସଲାମି ନିଆଯାଇ ଅଛି । କେତେକ ସ୍ଥଳରେ ପ୍ରଜା ନିତାନ୍ତ ଗରିବ ଥିବାରୁ ସେ ଉକ୍ତ ଫିସ ମଧ୍ୟରୁ ଯାହାକି ଦେଇ ପାରିବ ତାହା ବିବେଚନା କରାଯାଇ ବୃଦ୍ଧି ଜମିର ୩ ବର୍ଷର କରରୁ ବିବେଚନା ଅନୁସାରେ ଆଂଶିକ ଛାଡ଼ ଦିଆଯାଇ ଅଛି । ଫଉତି ଫେରାର ଜମିମାନଙ୍କରେ ଦାବିଦାର ଓ୍ୱାରସମାନଙ୍କଠାରୁ ଏକର ପ୍ରତି ଟ ୧୨୲ ଓ ଅନ୍ୟାନ୍ୟମାନେ ଯେ କି ଜମି ଦଖଲକାର ଥିଲେ ସେମାନଙ୍କଠାରୁ ଷ୍ଟେଟ ମୂଲ୍ୟ ଅନୁସାରେ ଯେ ବ୍ୟକ୍ତି ଯେତେ ଦେଇ ପାରିବ ତାହା ବିବେଚନା କରାଯାଇ ଫିସ ଧାର୍ଯ୍ୟ କରାଯାଇଅଛି । ଯେଉଁମାନେ କି ନୟାବାଦି ନେଇ ଅଛନ୍ତି ସେମାନଙ୍କଠାରୁ ଷ୍ଟେଟ୍ ରୁଲମତେ ଏକର ପ୍ରତି ଟ ୨୫ଙ୍କା ଓ ଆବଶ୍ୟକ ସ୍ଥଳେ ଗରିବ ପ୍ରଜାଙ୍କୁ ଆଂଶିକ ଛାଡ଼ ଦିଆଯାଇ ଫିସ୍ ଧାର୍ଯ୍ୟ ହୋଇଅଛି । ବଣ୍ଟନ ପାଇଁ ସାବିକ ଖାତା ଉପରେ ୫୦-୫୦ ମଧ୍ୟରେ ଫିସ ଟ୦। ଓ ତଦୁର୍ଦ୍ଧ ୫ ୧-୦୦ ପର୍ଯ୍ୟନ୍ତ ଟ୦୲ ଫିସ ନିଆଯାଇ ଥିବାରେ ସମସ୍ତ ପ୍ରକାର ଫିସ୍ ମୋଟ ଟ ଧାର୍ଯ୍ୟ କରାଯାଇ ଅଛି । ତହିଁ ମଧ୍ୟରୁ ଟ ଅଦାୟ ହୋଇଅଛି ଓ

ଟ ବାକି ଅଛି ।

୩୮ । ଏ ଜିଲ୍ଲାରେ ଧାନ, ମୁଗ, ଆଖୁ, ବିରି ଓ କୋଲଥ ସାଧାରଣତଃ ପ୍ରଧାନ ଫସଲ ଅମଦାନି ହୁଏ ।

୩୯—ଏ ଇଲାକାର ଧାନ, ଚାଉଳ, ବିରି, ମୁଗ, ଓ କୋଳଥ ଆଦି କଟକ ସେ ୨ ରଆ ଗଉଣିରେ ମାପ ହୋଇ କାରବାର ହୁଏ। ସେଥିପାଇଁ ନିମ୍ନଲିଖିତ ପରିମାଣ ସବୁ ପ୍ରଚଳନ ଅଛି—

ଘିଅ କଟକ ଛ ୨ଠାଙ୍କି=ବ ୧ ଶ୍ମା

ବି ୧୬ଶ୍ମା=କୁ ୧ ଞ୍ଚା

ଟ ୪୨ଙ୍ଗା ଓଜନରେ ମା ୧ ଣ

ଯଥା—ମା ୫ ଣ କା କଟକ ସେ ୨ ର=୧ଗୌଣୀ

ଗୌ ୨୦ ଣୀ=ପୌ ୧ ଟି

ପୌ ୬ ଟି=ଭ ୧ ରଣ

ତେଲ ଆଦି ୧୦୫ ତୋଲା ଓଜନରେ ସେ ୧ ର ଅର୍ଥାତ କଟକ ସେର ବ୍ୟବହୃତ ହୁଏ। କଂସାପିତଳ ଆଦି ବିଶାରେ ଓଜନ କରନ୍ତି ୪ ତୋଲାରେ ପ ୧ ଲ ଓ ୨୦ ତୋଲାରେ ୧ ବିଶା ହୁଏ। ଗୁଡ଼ ୨୫ ପଲରେ ୧ ବିଶା ହୁଏ। ଲୁଣ ଓ ପନିପରିବା ଆଦି ୩୦ ପଲରେ ୧ବିଶା ପ୍ରଚଳନ ଅଛି। ଲୋକମାନେ କିଲ୍ଲା ବାଧାଣି ମା ହାଟ, ବାଙ୍କୀ କିଲ୍ଲା ଚଇଁଧା ହାଟ, ବଡ଼ମ୍ବା କିଲ୍ଲା ମାଣିଆବନ୍ଧ ହାଟ, ଅଠଗଡ଼ କିଲ୍ଲାର କନ୍ଦୋଳ ହାଟ, ଢେଙ୍କାନାଳ କିଲ୍ଲାର ଶଙ୍କରପୁର ହାଟ, ଓ ଓ୍ୟାଣ୍ଡ ଘମା (ନୂଆ ହାଟ) ମାନଙ୍କରେ କିଣାବିକା କରନ୍ତି।

୪୦। ଏ ଇଲାକାରେ ରାଜ ସର୍କାର୍ କର୍ମଚାରୀ ମୋଫସଲ ସକାଶେ ପ୍ରତି ମୌଜାରେ ସର୍ବରାହକାର ଓ ଚୌକିଦାର ଅଛନ୍ତି।

ମୋଟ ମୌ ୪୭ ଜା ମଧ୍ୟରେ ସର୍ବରାହକାର ମୌ: ଜାରୁ ଜ ଣ

ଅସୁଲ ମୋହରର ମୌ: ନ ଜ

ଚୌକିଦାର ନ ଜ ଣ ଅଛନ୍ତି।

ନଜଗଡ ମୌଜା ବ୍ୟତୀତ ମୋଫସଲରେ ଗୋ ୧୩ଟି ମୌଜାରେ ନିମ୍ନ ପ୍ରାଇମେରୀ ସ୍କୁଲ ୧୩ ଗୋଟି ଅଛି। ସେଥିରେ ରାଜ ସରକାରୀ କର୍ମଚାରୀ ସ୍କୁଲ ମାଷ୍ଟର ଜ ୧୫ ଣ ଅଛନ୍ତି। କାଞ୍ଜିହାଉସ ସବୁ ସ୍କୁଲ ହେଡ଼ ମାଷ୍ଟରମାନଙ୍କ ଚାର୍ଜରେ ଥାଏ। ଏ ବାଦ୍ ଚୌକିଦାରମାନଙ୍କ କାର୍ଯ୍ୟ ଠିକ୍‌ମତେ ତଦ୍ଵ ନେବାପାଇଁ ୪ ଜଣ ଦଫାଦାର ନିଯୁକ୍ତ ଅଛନ୍ତି। ନଜଗଡ ମୌଜାର କାଞ୍ଜିହାଉସ୍ ପୋଲିସ ଚାର୍ଜରେ ଥାଏ। ସର୍ବରାହକାରମାନେ ସର୍କାର ଭୋଗରା ଦଖଲ କରି ତହିଁର ରସୁମ ଜମା ଷ୍ଟେଟକୁ ଦିଅନ୍ତି। ଏ ବାଦ୍ ଶତକଡ଼ା ଟ ୧୦ ଙ୍କି ଅସୁଲ ଖର୍ଚ୍ଚା ପାଆନ୍ତି। ଚୌକିଦାରମାନେ ଜାଗିର୍ ଜମି ସ୍ୱତ୍ୱରେ ଭୋଗ କରି ମୌଜାରେ ପହରା କାର୍ଯ୍ୟ କରନ୍ତି। ଜାଗିରୀ ଜମି ପୂର୍ବରୁ ଠିକି ସ୍ୱଳ୍ପ ଥିବାରୁ ଗ୍ରାମର ରୟତମାନେ ଚୌକିଦାରଙ୍କୁ ଧାନଫସଲ ଅମଦାନୀ ସମୟରେ ଗୋଟିଏ ଲେଖାଏ ହଳାବିଡ଼ା ଦିଅନ୍ତି। ଦଫାଦାରମାନଙ୍କର ବେତନ ପାଇଁ ଜାଗିରୀ ଠିକି ଦିଆ ଯାଇଅଛି।

୪୧। ଅସୁଲ କାଗଜାତ:—ପ୍ରଜାମାନଙ୍କଠାରୁ ଖଜଣା ଅସୁଲ ନିମନ୍ତେ ସର୍ବରାହକାରଠାରେ ଛପାଚେକ୍ ପାଉତି ଅସୁଲ ସିହା, ରୋକଡ଼ ଜମା ଖର୍ଚ୍ଚ ଓ ଅସୁଲଏକ ପଦିଆ ଥାଏ। ତଦ୍ୱାରା ସର୍ବରାହକାର ଖଜଣା ବନକର ଓ ଶିଖାକର ଆଦି ଅସୁଲ କରେ। ବାକେୟାର ସକାଶେ ଅସୁଲ ଖର୍ଚ୍ଚା ପାଉ ନ ଥିଲେ। କେବଳ ଖଜଣା ଅସୁଲ ସକାଶେ ଶତକଡ଼ା ଟ ୧୨ ଅସୁଲ ଖର୍ଚ୍ଚା ପାଉଥିଲେ। ହାଲରୁ ଖଜଣା ଅସୁଲ ସକାଶେ ଶତକଡ଼ା ଅସୁଲ ଖର୍ଚ୍ଚା ଟ ୫ ଙ୍କା ଦିଆ ଯିବାର ମଞ୍ଜୁର କରାଯାଇଅଛି। ବର୍ଷଶେଷରେ ଓ୍ୟାସିଲ ବାକି ଓ ରୋକଡ଼ ଜମା ଖରଚ ଓ ମୁଣ୍ଡାଚେକ୍ ଆଦି ସଦର ଅଫିସରେ ଦାଖଲ ପରେ ତାହା ଷ୍ଟେଟ ତହସିଲଦାର ଅର୍ଥାତ୍ ୨ୟ ମାଜିଷ୍ଟ୍ରେଟଙ୍କଦ୍ୱାରା ଚେକ୍ କରାଯାଏ।

## ଦ୍ୱିତୀୟ ଅଧ୍ୟାୟ

୧। ଏ ଇଲାକା ସନ ୧୮୫୪ ମସିହାରେ ସର୍ବପ୍ରଥମ ସେଟଲମେଣ୍ଟ କରାଯାଇଥିଲେହେଁ ତାହା କୌଣସି ପ୍ରକାର ନିୟମିତ ମାପ କରାଯାଇ ନ ଥିଲା। କେବଳ ଜମି ଦଖଲ କରୁଥିବା ପ୍ରଜାମାନଙ୍କ ଉପରେ ସେମାନଙ୍କ ଜମିର ତାଳପତ୍ର ଭଉଁରିଆ ଅନୁସାରେ ଉତ୍ପନ୍ନ ଫସଲ ହିସାବରେ ଜମାବନ୍ଦି କରାଯାଇଥିଲା। ତତ୍ପରେ ସନ ୧୮୭୬ ମସିହାରେ ସାନ ସେଟଲମେଣ୍ଟ କରାଯାଇ ବା ୧୪ ହସ୍ତି ପଦିକାରେ ମାପ କରାଗଲା। ଉକ୍ତ କାର୍ଯ୍ୟ ୫ ବର୍ଷ ସକାଶେ କରାଯାଇ ସେ ସମୟରେ ଥିବା ଦେଉଆନ ଦାଶରଥି ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟ କରାଯାଇଥିଲା। ସେ. କାର୍ଯ୍ୟ ଆଃସୁ ଶ୍ରୀଯୁକ୍ତ ବାବୁ ହରେକୃଷ୍ଣ ଦାସ ବାହାଦୁରଙ୍କ ଦ୍ୱାରା କମ୍ପ୍ଲିସନ ରିପୋର୍ଟ ଲେଖାଯାଇ ତାହା ଓଡ଼ିଶା ପ୍ରଦେଶ ମହା ମାନ୍ୟବର ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବ ବାହାଦୁରଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା। ସେ ବନ୍ଦୋବସ୍ତର ମିଆଦ ୫ ବର୍ଷ ଥିବା ସ୍ଥଳେ ଷ୍ଟେଟର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଠିକ୍ ସମୟରେ ସେଟଲମେଣ୍ଟ କରି ନ ଯାଇ ପୂର୍ବ ସେଟଲମେଣ୍ଟ କାଗଜାତ ଠିକ୍‌ମତେ ରଖାଯାଇ ନ ଥିବା ଓ ନୟାବାଦି ଜମି ସବୁ ନିୟମିତରୂପେ ମାପ ହୋଇ ତହିଁର ଜମାବନ୍ଦି କରାଯାଇ ନ ଥିବା ଓ ଗତ ସେଟଲମେଣ୍ଟ ବହୁଦିନ ଅତୀତ ହୋଇଥିବାରେ ଯାହାକି ଜମା ପୂର୍ବ ବନ୍ଦୋବସ୍ତରେ ଧାର୍ଯ୍ୟ କରାଯାଇଥିଲା ତାହା ଷ୍ଟେଟ୍ ଚଳାଇବା ପକ୍ଷେ ଶାସନ କାର୍ଯ୍ୟ ପାଇଁ ଯଥେଷ୍ଟ ହୋଇ ନ ଥିବାରୁ ଭୂତପୂର୍ବ ରାଜା ସାହେବଙ୍କ ଅନୁରୋଧମତେ ଶ୍ରୀଯୁକ୍ତ ପଲିଟିକାଲ ଏଜେଣ୍ଟ ସାହେବ ବାହାଦୁରଙ୍କ ନ I ୮୦୯ ମ୍ବର ତା ୨୨। ୩। ୧୦/୧୩। ୩। ୧୦ ରିଖ ଚିଠିମତେ ପ୍ରସ୍ତାବ କରାଗଲା। ଉକ୍ତ ସେଟଲମେଣ୍ଟ ବାବୁ ବ୍ରହ୍ମାନନ୍ଦ ଦାସ ସେଟଲ ଅଫିସରଙ୍କଦ୍ୱାରା ସମ୍ପାଦନ କରାଯାଇ ଥିଲେସୁଦ୍ଧା ସେ ଶେଷ ସମୟରେ ପରଲୋକ ଗମନ କରିଥିବାରେ ସେ ସମୟରେ ଥିବା ଦେଓ୍ୟାନ ବାବୁ ରମାକୃଷ୍ଣ ପଟ୍ଟନାୟକ ସେଟଲମେଣ୍ଟର ଅବଶିଷ୍ଟ କାର୍ଯ୍ୟ ଶେଷ କରି କମ୍ପ୍ଲିସନ ରିପୋର୍ଟ ଲେଖିଥିଲେ। ଉକ୍ତ ବନ୍ଦୋବସ୍ତର ମୌଜାସବୁ ପ୍ରାକୃତିକ ଅବସ୍ଥା ଦୃଷ୍ଟିରେ ତିନିଗୋଟି ପ୍ରଗଣାରେ ବିଭକ୍ତ କରାଯାଇ ସାବକରେ ଥିବା ୨୪ ଗୋଟି ମୌଜାକୁ ୪୭ ମୌଜାରେ ପରିଣତ କରାଯାଇଥିଲା।

ଉକ୍ତ ବନ୍ଦୋବସ୍ତରେ ୨୪ ହସ୍ତି ପଦିକାରେ ଜମି ସବୁ ମାପ ହୋଇଥିବାରେ ତହିଁର ନକ୍ସା ପ୍ରସ୍ତୁତ କରାଯିବା ଓ ଗତ ସେଟଲମେଣ୍ଟର ମିଆଦ ୧୫ ବର୍ଷ ଥାଇ ତହିଁର ମିଆଦ ଗତ ହୋଇ ଯାଇଥିବାରୁ ହାଲ ବନ୍ଦୋବସ୍ତ ତା ୧।୧। ୧୯୩୧ ରିଖରେ ଆରମ୍ଭ କରାଯାଇଅଛି।

୧ । ଡିମାର୍କେସନ—ଏହା ମୌଜାର ସବସ୍କାର ଓ ବାଉଣ୍ଡର ସର୍ଭିୟରଙ୍କ ସାହାଯ୍ୟରେ କରାଯାଇ ତହିଁର ବାଉଣ୍ଡର ଷ୍ଟେସନ୍ ଓ ତ୍ରିସଂମାଲମାନଙ୍କରେ ମାଟିର ଗମ୍ବା ଦିଆ ଯାଇଅଛି ।

୨ । କିଷ୍ଟିଓ୍ୱାର—ମୌଜାର ମାପସବୁ ୧୬″=୧ ମାଇଲ ସ୍କେଲରେ ମାପ କରାଯାଇ ଆବଶ୍ୟକାନୁଯାୟୀ ଘନବସ୍ତି ସ୍ଥାନରେ ବସ୍ତିସବୁ ୩୨″=୧ ମାଇଲ ସ୍କେଲରେ ଦେଖାଇ ଦିଆଯାଇଅଛି । କେବଳ ନୟାପାଟଣା ଓ କେମାଦେଉଳପୁର ପାଟଣା ମୌଜାମାନ ଅଧିକାଂଶ ବ୍ୟବସାୟୀ ଲୋକମାନଙ୍କର ବାସସ୍ଥାନ ଥାଇଁ ତହିଁର ବସ୍ତି ଅତି ସଂକୀର୍ଣ୍ଣଥିବା କାରଣ ତାହା ୬୪″=୧ ମାଇଲ ସ୍କେଲରେ ମାପ କରାଯାଇଅଛି । କେବଳ କଲବର ମୌଜା ୩୨″=୧ ମାଇଲ ସ୍କେଲରେ ମାପ ହୋଇଅଛି ।

୩ । ଖାନାପୁରୀ—କିଷ୍ଟିଓ୍ୱାର ନକ୍ସା ସେ: ଅଫିସରଙ୍କଦ୍ୱାରା ଫାଇନାଲ ପ୍ରତାଲ ଶେଷରେ ଚାଲାଣ କରାଗଲା ବାଦ୍ ଗତ ବନ୍ଦୋବସ୍ତ ଚଠା ଖସଡ଼ା ଅର୍ଥାତ୍ ଭଉଁରିଆ ମଡ଼ାଣରେ ହାଲ ଖାନାପୁରୀ କରାଯାଇ ତାହା ଦୁଇଜଣ ଇନସ୍ପେକ୍ଟରଙ୍କର ଓ ଆ: ସେଟେଲମେଣ୍ଟ ଅଫିସରଙ୍କ ଦ୍ୱାରା ପ୍ରତାଲ କରାଯାଇ ସେଥିର ଯୁଝାଦାସ୍ତ ଆଦି ଆ: ସେ ଅଫିସର ଓ ଇନସ୍ପେକ୍ଟରଙ୍କଦ୍ୱାରା ଫଏସଲ କରାଯାଇଅଛି । ଆ: ସେ: ଅଫସରଙ୍କର ସମୟ ନଥିବାରୁ ବହିର ସବୁ ଆ: ସେ: ଅଫିସରଙ୍କଦ୍ୱାରା ରସେସରେ ହୋଇଅଛି । ଯେ ଯେ ଜମି ସବୁ ବିନାନୁମତରେ ହସ୍ତାନ୍ତର, ବଦଳ, ଦାନ, ଭୂଲ ଓ ଫାଇତ ଫେରର ଆଦି ପ୍ରକାଶ ପାଇଥିଲା । ତାହା ଅମିନମାନଙ୍କଦ୍ୱାରା ବିନାନୁମତ ଫର୍ମ ପୂରଣ ହୋଇଥିଲା ଓ ଲଖରାଜ ଠିକି ଜମିର ଲକ୍ଷ୍ୟ କରାଯାଇଥିଲା ।

୪ । ରସେସ—ଖାନାପୁରୀ ଶେଷରେ ମେଢ଼ସବୁ ଯାହାକି ପେନ୍‌ସିଲରେ କରୁ କରାଯାଇଥିଲା ତାହା ପକ୍‌କା କରାଯାଇ ଖସଡ଼ା ଓ ଖତିୟାନରେ ରକବା ପୂରଣ କରାଯାଇ ଟେରିଜ ପ୍ରସ୍ତୁତ କରାଯାଇଅଛି ।

୫ । ଅଟେଷ୍ଟେସନ—ଏ କାର୍ଯ୍ୟ ଖାନାପୁରୀ କରାଯାଇଥିବା ସାବକ ଚଠା ଖସଡ଼ା ସହିତ ସାବକ ଖତିୟାନରେ ପ୍ଲଟ ନମ୍ବର ଓ ରକବା ରାଜଅଫିସ ମାହାଫିଯ ଖାନାରୁ ନକଲ କରାଯାଇ ପ୍ରଜାପଟ୍ଟା ଓ ଖା: ଦା: ପଟ୍ଟା ସହିତ ହାଲ ଖସଡ଼ା ଖତିୟାନ ମେଳପର ବୁଝାରତ କରାଯାଇଅଛି । ସେଥିରେ ଯେଉଁ ରୟତମାନେ ପୂର୍ବରୁ ଖା: ଦା: କରିନଥିଲେ ଓ ହାଲରେ ଯେଉଁମାନଙ୍କ ନାମରେ ଖାନାପୁରୀ ହେଲା ତାହା ମୁକାବିଲା ପର ମିୟୁଟେସନ୍ କରାଯାଇ ତାହା ଅଫିସ ହେ: ମୋହରର ଓ ସୁପରଭାଇଜରଙ୍କ ଦାୟିତ୍ୱରେ ଫିସ ସବୁ ତମୁନ କରାଯାଇ ଫଏସଲ ହୋଇଅଛି ।

ଉକ୍ତ କାର୍ଯ୍ୟ ଚାଲୁଥିବା ସମୟରେ ଯେ ଯେ ପ୍ରଜାମାନଙ୍କର ଜମି ଭୂଲଥିଲା ତାହା ସଂଶୋଧନ ପାଇଁ ପ୍ରତ୍ୟେକ ୩ ଗୋଟି ପ୍ଲଟପାଇଁ ଟ ୦।୵ ମୂଲ୍ୟର କୋର୍ଟଫି ଓ ତହିଁରୁ ଅଧିକା ପ୍ଲଟ ସକାଶେ ପ୍ରତ୍ୟେକ ପ୍ଲଟ ପାଇଁ ଟ ୦୵ ହିସାବରେ କୋର୍ଟଫିସରେ ଅମିନ ଫିସ ଦାଖଲ କରାଯାଇ ଅମିନ ତଦନ୍ତରେ ତାହା ସଂଶୋଧନ କରାଯାଇ ଅଛି । ଷ୍ଟେଟ ଜମି ଅର୍ଥାତ୍ ଖମାର, ଖଞ୍ଜା, କାମ୍ଭର ଓ ଠିକି ଜମିର ଭୂଲ ସଂଶୋଧନ ମୁତମ୍ବନ ଥିବା ଅମିନଙ୍କ ଦ୍ୱାରା ସଂଶୋଧନ ହୋଇଅଛି । ଅଟେଷ୍ଟେସନ ସମୟେ ବିନାନୁମତ ସବୁ ଫଏସଲ କରିବା ନିମନ୍ତେ ଆ: ସେ: ଅଫିସରଙ୍କୁ ସମୟ ନଥିବାରେ ତାହା ଶ୍ରୀଯୁକ୍ତ ବାବୁ ଭଗବତ ପ୍ରସାଦ ପଟ୍ଟନାୟକ ଷ୍ଟେଟର ୨ୟ ଶ୍ରେଣୀ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଫଏସଲ କରାଯାଇଥିବାରେ ତାହା ନିର୍ବାହିତ ହୋଇଅଛି ।

୬ । ଡ୍ରାଫ୍ଟ ପବ୍ଲିକେଶନ—ମୌଜା ସବୁ ଅଟେଷ୍ଟେସନ ଫାଇନାଲ ପର ଓଠିକ କରାଯାଇ ଡ୍ରାଫ୍ଟ ପବ୍ଲିକେଶନ କରାଯାଇ ଅଛି । ସେଥିର ଅପତ୍ତି ଦରଖାସ୍ତ ୩୧ ଦିନ ମଧ୍ୟରେ ନିଆଯିବାରେ ସେଥିରେ ୯୩ ଗୋଟି ୧୧୬ ଧାରା ମୋକଦ୍ଦମା ଦାଏର ହୋଇ ଫଏସଲ ହୋଇଅଛି । ଗୋଟିଏ ମୌଜାର ଖାନାପୁରୀ କରାଯାଇଥିବା କାରଣ ଡ୍ରାଫ୍ଟ ପବ୍ଲିକେଶନ କରାଯାଇନାହିଁ । ଡ୍ରା: ପି: ଶେଷରେ ୨ ମାସ ମଧ୍ୟରେ ଅପିଲ ହେବାର ସମୟଥିଲେ ସୁଦ୍ଧା କୌଣସି ଅପିଲ ହୋଇନାହିଁ ।

୭ । ଯାଞ୍ଚ—ଡ୍ରାଫ୍ଟ ପବ୍ଲିକେଶନ ଶେଷରେ ସମସ୍ତ ପୂର୍ବ ହୁକୁମ ଠିକ୍ ମତେ ତାମିଲ ହୋଇ ଅଛିକି ନାହିଁ ତାହା ଚେକ୍ କରାଯାଇଅଛି । ସମସ୍ତ ହୁକୁମର ବିବରଣ ନିମ୍ନରେ ଉଲ୍ଲେଖ କରାଗଲା ।

| | | |
|---|---|---|
| ଯଥା:—ବଦର | | ନ ୨୭୪ |
| ମୁନସରମ ମିଷ୍ଟେକ | .. | ନ ୮୫୯୩ |
| ଚେକ୍‌ମିଷ୍ଟେକ୍ | .. | ନ ୨୬୯୩ |
| ଦରଖାସ୍ତ | .. | ନ ୧୯୨୧ |
| ବିନାନୁମତ | .. | ନ ୫୨୭୨ |
| ମିୟୁଟେସନ୍ | .. | ନ ୧୭୩୩୩ |
| ମୋଟ | .. | ନ ୩୫୯୧୬ |

ଖାତା ଓ ପ୍ଲଟ—ଗତ ବନ୍ଦୋବସ୍ତରେ ମାଲିକ ଖା ୧୦୨୯୬ ଓ ସିକମି ଖା ୪୨୨୨ ତା ମୋଟ ଖା ୧୫୦୭୨ ତାକୁ ୮୭୨୮୮ ପ୍ଲଟ ଥିଲା । ହାଲ ବନ୍ଦୋବସ୍ତରେ ମାଲିକ ୧୧୩୨୧ ଖାତାକୁ ୭୨୬୮୧ ପ୍ଲଟ ଓ ସିକମ ୩୬୦୨ ଖାତାକୁ ୬୩୧୧ ପ୍ଲଟ ଅଛି ।

୮ । ଜମାବନ୍ଦି—ପୂର୍ବ ବନ୍ଦୋବସ୍ତରେ ପ୍ରଥମ ଅଧ୍ୟାୟ ୩୨ ଦଫା ଲିଖିତ ସାବକ ୫୩ ଗୋଟି ରେଟ୍‌ରେ ଜମାବନ୍ଦି କରାଯାଇଥିବାରେ ତାହା ବିଶେଷ ଜଟିଳ ଥିବା ପ୍ରଯୁକ୍ତ ହାଲ ମଞ୍ଜୁରୀ ଉକ୍ତ ଦଫା ଲିଖିତ ୨୨ ଗୋଟି ରେଟ୍‌ରେ ଜମାବନ୍ଦି କରିବାରେ ସାବକରେ ଥିବା ଜମାବନ୍ଦି ରକବା ମା ୧୫·୫୩୦।୨୦୵କୁ ଟ ୧୮,୭୯୪୵୩ ଥିବା ସ୍ଥଳେ ହାଲ ଜମାବନ୍ଦିରେ ଜମାବନ୍ଦି ରକବା ଏ ୧୬,୨୬୦·୧୯କୁ ଟ ୨୪,୭୯୨୨୯ ହୋଇଅଛି । ଏଥିରୁ ଦେଖାଯାଏ ଯେ ହାଲକୁ ଏ ୭୨୯·୩୮ ଜମି ନୟାବାଦୀ ବୃଦ୍ଧି ରକବା ହୋଇଥିବାରୁ ତହିଁର ଜମା କଲର ହାରାହାରି ସାବକ ରେଟ୍ ଟ ୨।୵୫ରେ ଟ ୧,୬୫୧।୪ ବାଦ ଗଲେ ବାକି ଅବଶିଷ୍ଟ ନିଟ ବୃଦ୍ଧି ଟ ୪,୧୪୬।୨ ହୋଇଅଛି ।

ଯାହାକ ୨୨·୦୬ ପରସେଣ୍ଟ୍‌ଟେକ ଅଟେ । ପୂର୍ବେ ରେଣ୍ଟ ରେଟ ରିପୋର୍ଟରେ ମଞ୍ଜୁର ହୋଇଥିବା ବରାଦରନ୍ ଖଣ୍ଡାଇତଙ୍କ ମାଣ ପ୍ରତି ସାବକରେ ଟ ୦୳ ଥିବା ସ୍ଥଳେ ଟ ୦୳/ ନଆ ସିଡାର ମଞ୍ଜୁର ଥିଲେ ସୁଦ୍ଧା ସେଥିରେ ବରାଦରନମାନେ ବିଶେଷ ଆପତ୍ତି କରୁଥିବା ଓ ସେମାନେ ଅନ୍ୟ ଷ୍ଟେଟରେ କିମ୍ବରରେ ଭରଣପୋଷଣ ପାଇଥିବାରୁ ଏ କଲ ଷ୍ଟେଟ ଥିବା ପ୍ରଯୁକ୍ତ । ସେଥିରେ ଯାହାକ ମାଣ ପ୍ରତି ଟ୦୳ ଖଜଣା ଥିଲା ତାହା ଉପରେ ଟ ୦/ ବୃଦ୍ଧି ହେଲେ ସେମାନଙ୍କ ପକ୍ଷେ ବିଶେଷ କଷ୍ଟକର ହେଉଥିବା ବିଗୁର କରାଯାଇ ସାବକ-ମତେ ହାଲ ବନ୍ଦୋବସ୍ତରେ ମାଣ ପ୍ରତି ଟ ୦୳ ଖଜଣା କାଏମ ରଖା ଯାଇଅଛି । ଅନ୍ୟାନ୍ୟ ଠିକାମାନଙ୍କରେ ଯଥା—ମହନ୍ତାଣ ଠିକାରେ ଟଙ୍କାରେ ଟ ୦୳୵୬ ସ୍ଥଳେ ଟ ୦୳୶୬, ଦେଓଦେଉର ଠିକା ଟ ୦୴ ସ୍ଥଳେ ଟ ୦୴, ବଡ଼ହୋଉର ଓ ଖଇରଡ ଠିକା ଟ ୦୴ ସ୍ଥଳେ ଟ ୦୳୵, ଜାଗିରୀ ଠିକା ଟ ୦୳୵୬ ସ୍ଥଳେ ଟ ୦୳୶୬, ଦାଣ୍ଡ ଠିକା ଟ ୦୳୶ ସ୍ଥଳେ ଟ ୦୳/ ଛାଡ଼ ଦିଆଯାଇ ବାକି ଯଥାକ୍ରମେ ଟ ୦/୬, ଟ ୦।, ଟ ୦।/, ଟ ୦।/୬ ଓ ଟ ୦।୵ କାଏମ ରଖା ଯାଇଅଛି । କିସ୍ମର ଠିକା ଓ ରଯୃତାନ୍ ଜମି ଅଧିନରେ ଯେ ସବୁ ସିକମ ପ୍ରଜା ଥିଲେ ସେ ସମସ୍ତଙ୍କୁ ସ୍ଥିତିମ ରଯୃତରେ ପରିଗଣିତ କରାଯାଇ ସେମାନଙ୍କ ଉପରେ ଧାର୍ଯ୍ୟ ଥିବା ଖଜଣା ହାଲ ଭିଲେଜ ରେଟ୍‌ରେ ଜମା ବନ୍ଧ କରାଯାଇ ତହିଁର କଟୋଟ ଜମା ଉପରେ ଟଙ୍କା ପ୍ରତି ଟ ୦। ହିସାବେ ବୃଦ୍ଧି ମାଲିକ ପ୍ରାପ୍ୟ ଯୋଗ କରାଯାଇ ଖଜଣା ଧାର୍ଯ୍ୟ କରାଯାଇଅଛି । ଯେ ସ୍ଥଳରେ ସନ୍ଥା ଧାର୍ଯ୍ୟ ଥିଲା ତାହା ହାଲ ବନ୍ଦୋବସ୍ତରେ ସାବକ କିସମ ତୁଳନାରେ ସନ୍ଥା ବେଶି କମି କରି ନ ଯାଇ କେବଳ ମାଣ ରକବା ବୃଦ୍ଧି କମି ଉପରେ ସନ୍ଥା ବୃଦ୍ଧି କମି କରାଯାଇଅଛି । ଏତରେ ପୂର୍ବ ବନ୍ଦୋବସ୍ତରେ କେତେକ ସିକମି ରଯୃତଙ୍କର ଥୋକ (ଲମ୍ପସମ୍) ଜମା ଧାର୍ଯ୍ୟ ଥିଲା । ତାହା ହାଲ ବନ୍ଦୋବସ୍ତରେ ସେହିପରି ଥୋକ ଜମାବନ୍ଦି ରଖା ଯାଇଅଛି । କେବଳ ରକବା ବେଶି କମ ପାଇଁ ଥୋକ ରେଟ୍‌ରେ ଜମା ବେଶି କମି କରାଯାଇଅଛି । ଅନେକ ସ୍ଥଳରେ ସିକମି ରଯୃତଙ୍କର ଖାତାରେ ସନ୍ଥା ଓ ଖଜଣା ସାବକରୁ ଧାର୍ଯ୍ୟ ଥିଲା । ତାହା ସେହି ପ୍ରକାରରେ ଜମାବନ୍ଦି କରାଯାଇ ଅଛି । ଭିଲେଜ ରେଟ୍‌ରେ କଟୋଟ ଓ ମାଲିକ ପ୍ରାପ୍ୟ ବୃଦ୍ଧିରେ ଜମାବନ୍ଦି କରାଯାଇ ନାହିଁ । ଯେଉଁ ସିକମ ରଯୃତମାନଙ୍କର ଗତ ବନ୍ଦୋବସ୍ତରେ ଭିଲେଜ ରେଟ୍‌ରେ ଜମାବନ୍ଦି ଥିଲା ସେମାନଙ୍କର ହାଲକୁ ଭିଲେଜ ରେଟ୍‌ରେ କଟୋଟ କରାଯାଇ ମାଲିକ ପ୍ରାପ୍ୟ ଟଙ୍କା ପ୍ରତି ଟ୦। ବୃଦ୍ଧିରେ ଜମାବନ୍ଦି କରାଯାଇଅଛି ।

ମିହ୍ନା—ପୂର୍ବ ବନ୍ଦୋବସ୍ତରେ ଯେ ଯେ ରଯୃତ ଗରିବ ହୋଇ ଜମା ଛାଡ଼ ପାଇଥିଲେ ତାହା ହାଲ ବନ୍ଦୋବସ୍ତରେ ବିଗୁର କରାଯାଇ ସେମାନଙ୍କ ମଧ୍ୟରୁ ଯେ ଯେ ପ୍ରଜା ଜମି ହସ୍ତାନ୍ତର କରି ଅଛନ୍ତି ଓ ଯେଉଁମାନଙ୍କର ଅବସ୍ଥା ଭଲ ଅଟେ ସେମାନଙ୍କୁ ଗରିବ ଛାଡ଼ ଦିଆଯାଇ ନାହିଁ । ଯେ ଯେ ରଯୃତ ଗରିବ ଅଛନ୍ତି, ନିଃସହାୟ, ବିଧବା ଓ କୁଷ୍ଠ ରୋଗୀ ଆଦି ବ୍ୟକ୍ତିମାନଙ୍କ ଘରବାରି ଜମିର କେତେକ ଜମା ଓ କେତାନ୍ତ ଗରିବଙ୍କୁ ସମ୍ପୂର୍ଣ୍ଣ ଛାଡ଼ ଦିଆଯାଇଅଛି । ଥାନା ଓ ପାଇକାନ ସ୍ଥିତିର ଥିବା ରଯୃତମାନଙ୍କୁ ଏକର ପ୍ରତି ଏ ୦-୦୪ ହିସାବେ କେବଳ ଘରବାରି ଜମିରୁ ମିହ୍ନା ଦିଆଯାଇ ଥିବାରେ ଗରିବ ଛାଡ଼ ଟ ୯୯୳୧ ଓ ମିହ୍ନା ବାବଦ ଟ ୧୦୦୨/୧ ହୋଇଅଛି । ଏପରି ନିଜଗଡ଼ ବାସିନ୍ଦା ଲୋକମାନଙ୍କର ଘରବାରି ସମ୍ବନ୍ଧରେ ରାଜସର୍କାରଙ୍କର ଆବଶ୍ୟକ ହେଲେ ତହିଁର କ୍ଷତିପୂରଣ ଦେଇ ସାଧାରଣ କାର୍ଯ୍ୟ ପାଇଁ ନେଇ ପାରିବା ସର୍ତ୍ତରେ ସମସ୍ତ ମିହ୍ନା ଦିଆଯାଇଅଛି । ହାଲ ବନ୍ଦୋବସ୍ତରେ ଯାହା ଆଦାୟ କରାଯାଇଅଛି ଓ ଯାହା ଖରଚ କରାଯାଇଅଛି ତହିଁର ତଫସିଲ ନିମ୍ନରେ ଉଲ୍ଲେଖ କରାଗଲା—

| ଆୟର ତଫସିଲ | | ଖର୍ଚ୍ଚର ତଫସିଲ | |
|---|---|---|---|
| ନଗଦ | | | |
| ୧ । ବନାନ୍ତମତ | ଟ | ୧ । ଡିମାର୍କେସନ ଓ ବାଉଣ୍ଡରୀ | ଟ |
| ୨ । ମିସ୍ଥଟେସନ | ଟ | ୨ । କଷ୍ଟ୍ରିଓ୍ୟାର | ଟ |
| ୩ । ଫାଇନ | ଟ | ୩ । ଫରେଷ୍ଟ ସର୍ଭେ | ଟ |
| ଈ୦ | | ୪ । ଖାନାପୁରୀ | ଟ |
| କୋର୍ଟଫି | | ୫ । ଋସେସ ଓ ଏରିଆ | ଟ |
| ୧ । ଦରଖାସ୍ତ କୋର୍ଟଫି | ଟ ୨୯୬୳୶ | ୬ । ଅଟେଷ୍ଟେସନ | ଟ |
| ୨ । ଅମିନ ଫି | ଟ ୪୦୯୴/ | ୭ । ଡି: ପି: ଓ ରେକ୍ | ଟ |
| | | ୮ । ଗାଞ୍ଚ ଓ ଚେକ୍ | ଟ |
| ୩ । ପ୍ରସେସ୍ ଫି | ଟ ୨୮୶୬ | ୯ । ଜମାବନ୍ଦି ତେରିଜ ଓଗେର | ଟ |
| ଈ୦ | | ୧୦ । ନକଲ ଓ ମୁକାବଲା ଓଗେର | ଟ |
| | | ୧୧ । ଫାଇନାଲ ପବ୍ଲିକେଶନ | ଟ |
| | | ୧୨ । ଷ୍ଟାଟିଷ୍ଟିକ ଓଗେର | ଟ |
| | | ୧୩ । ରେକର୍ଡ ଦାଖଲ ଓଗେର | ଟ |
| | | ୧୪ । ଯନ୍ତ୍ର ଓଗେର ଦାମ | ଟ |
| | | ଈ୦ | |

୯ । ସେସ୍ ବା ବାଜେ କର—ଗତ ବନ୍ଦୋବସ୍ତରେ ଫରେଷ୍ଟ ସେସ୍ ପ୍ରଜାମାନଙ୍କ ରଯୃତ ଜମି ସର୍ବାଗେ ଟଙ୍କା ପ୍ରତି ଟ ୦୯୩ ହିସାବରେ ଓ କିସ୍ମର, ଗଜଖମାର, ଖଣ୍ଡା ଓ ଶ୍ରୀ ପ୍ରସନ୍ନ ପୁରୁଷୋତ୍ତମ ଦେବଙ୍କ ନିଜ ଦଖଲ ବ୍ୟତୀତ ପ୍ରଜା ଦଖଲ ଓ ଠିକା ଜମି ଉପରେ ମାଣ ପ୍ରତି ଟ ୦୯୬ ହିସାବରେ ଟ ୪୬୮୶୯ ହୋଇଥିବା ସ୍ଥଳେ ଜଙ୍ଗଲ ରକବା ବେଶି ନ ଥିବାରୁ ହାଲକୁ କିସ୍ମର, ଠିକା ଓ ରଯୃତ ସମସ୍ତ ପ୍ରକାର ଜମିର କଟୋଟ ଜମା ଉପରେ ଟ ୦୯୩ ହିସାବରେ ଜମାଧାର୍ଯ୍ୟ ହେବାରେ ଟ ୬୦୨୧୧ ହୋଇଅଛି ।

ସ୍କୁଲ ସେସ୍ ବାବଦରେ ରୟତି ଜମି ଉପରେ ଟଙ୍କା ପ୍ରତି ଟ ୦/ ହିସାବ ଓ ନିଷ୍କର, ରାଜଖମାର, ଖଞ୍ଜା ଓ ଶ୍ରୀ ପ୍ରସନ୍ନ ପୁରୁଷୋତ୍ତମ ଦେବଙ୍କ ନିଜ ଦଖଲ ବ୍ୟତୀତ ପ୍ରଜା ଦଖଲ ଓ ଠିକି ଜମି ଉପରେ ମାଣ ପ୍ରତି ଟ ୦।/ ହିସାବରେ ମୋଟ ଟ ୧,୫୨୪।/୫ ଥିବା ସ୍ଥଳେ ହାଲରେ ସମସ୍ତ ଉକ୍ତ ପ୍ରକାର ନିଷ୍କର ଓ ଠିକି ଓ ରୟତି ଜମିର ଉସୋଟ ଜମା ଉପରେ ଟଙ୍କା ପ୍ରତି ଟ ୦/ ହିସାବରେ ଟ ୨,୩୯୧।/୯ ହୋଇଅଛି । ଏ କିଲ୍ଲାରେ ଡାକ୍ତରଖାନା ନ ଥିବାରୁ ତାହା କରାଯିବା କାରଣ ହାଲ ବନ୍ଦୋବସ୍ତରେ ସମସ୍ତ ପ୍ରକାର ନିଷ୍କର ଠିକି ଏ ରୟତାନ ଓ ରାଜଖମାର, ଖଞ୍ଜା ଓ ଶ୍ରୀ ପ୍ରସନ୍ନ ପୁରୁଷୋତ୍ତମ ଦେବଙ୍କ ନିଜ ଦଖଲ ବ୍ୟତୀତ ସମସ୍ତ ପ୍ରକାର ଜମିର ଉସୋଟ ଜମା ଉପରେ ଟଙ୍କା ପ୍ରତି ଟ ୦।୯ ହିସାବ ଟ ୧,୨୯୦।୧୧ ନୂତନ ସେସ୍ ଧାର୍ଯ୍ୟ କରାଯାଇଅଛି । ଭୂ-ରାଜସ୍ୱ ଟ ୨୪,୬୯୨।୯ ମଧ୍ୟରୁ ସର୍ବରାକାର ଅସୁଲ ଖର୍ଚ୍ଚ ଶତକଡ଼ା ଟ ୧୦୲ ହିସାବରେ ଟ ୨,୪୬୨। ଓ ବାଜେ କର ମୋଟ ଟ ୪,୮୩୪୭ ମଧ୍ୟରୁ ତହସିଲ ଖର୍ଚ୍ଚ । ଶତକଡ଼ା ଟ ୫୲ ହିସାବରେ ଟ ୨୩୯।/୯ ଯାଇ ଭୂ-ରାଜସ୍ୱ ଓ ବାଜେ କର ମୋଟ ଟ ୨୬,୨୬୨।/୨ ତହବିଲ ଜମା ଅଛି ।

## ତୃତୀୟ ଅଧ୍ୟାୟ

୧ । ଷ୍ଟେଟ ଇତିବୃତ୍ତ—ଗତ ବନ୍ଦୋବସ୍ତ କମିଶନ ରିପୋର୍ଟର ଦ୍ୱିତୀୟ ଅଧ୍ୟାୟ ପ୍ରଥମ ଭାଗରେ ସମସ୍ତ ବିବରଣ ଉଲ୍ଲେଖ ଅଛି । ସେଥିରୁ ଜଣାଯାଏ ଯେ ସନ୍ ୧୨୪୭ ସାଲରେ ଏ କିଲ୍ଲାର ପୂର୍ବ ବଂଶ ରାଜା ଶ୍ରୀ ନିତ୍ୟାନନ୍ଦ ଭୂଇଁ ଓଡ଼ିଶାର ମହାରାଜା ଶ୍ରୀ ଲାଙ୍ଗୁଳା ନରସିଂହ ଦେବଙ୍କଠାରୁ ଅଧିନସ୍ଥ ରାଜାରୂପେ ଉପାଧି ଲାଭ ପ୍ରାପ୍ତ ହୋଇ ଏଠାରେ ଆସି ବାସକରି ରାଜ- ଶାସନ କାର୍ଯ୍ୟ ଚଳାଇ ଆସିବାରେ ପୁରୁଷାନୁକ୍ରମେ ୧୫ ପୁରୁଷ ହେଲା ରାଜତ୍ୱ କରି ଆସୁ ଅଛନ୍ତି । ସେଥିମଧ୍ୟରେ ଅନ୍ୟାନ୍ୟ ରାଜାମାନଙ୍କର ବିଶେଷ କିଛି କାର୍ଯ୍ୟ କଳାପ ଜଣା ନାହିଁ । ବର୍ତ୍ତମାନ ପ୍ରତିଷ୍ଠିତ ରାଜା ଶ୍ରୀ ସୁଦର୍ଶନ ଚମ୍ପତିସିଂହ ମହାପାତ୍ରଙ୍କ ପିତା ରାଜା ଶ୍ରୀ ବନମାଳି ଚମ୍ପତିସିଂହ ମହାପାତ୍ର ଯେ କି ତା ୧ । ୪ । ୧୯୩୩ ରିଖରେ ସ୍ୱର୍ଗାରୋହଣ କରି ଅଛନ୍ତି ତାହାଙ୍କର କାର୍ଯ୍ୟ ଉଲ୍ଲେଖ ଯୋଗ୍ୟ । ସେ ରାଜା ହିନ୍ଦୁ ଧର୍ମ ହିଳାଗ୍ରହ ମତେ ବିଶେଷ ନୈଷ୍ଠିକ ଥିଲେ । ସେ ଏ କିଲ୍ଲାରେ ହିନ୍ଦୁ ଦେବତାମାନଙ୍କର ଦେଉଳ ତିଆର କରାଇ ଦେଇ କେତେକ ଗ୍ରାମରେ ଦେବତାମାନଙ୍କ ପାଇଁ ଜମି ଖଞ୍ଜି ଦେଇ ଅଛନ୍ତି; ଏଠାକାର ପ୍ରଧାନ ଦେବ ଶ୍ରୀ ପ୍ରସନ୍ନ ପୁରୁଷୋତ୍ତମ ଦେବଙ୍କର ଗୋଟିଏ ପ୍ରକାଣ୍ଡ ଦେଉଳ ତୋଳାଇ ଖଞ୍ଜା ଆଦି ବଢ଼ାଇ ଦେଇଥିବାରୁ ତାହା ସୌନ୍ଦର୍ଯ୍ୟ ଭାବରେ ପରିଗଣିତ ହେଉଅଛି । ଏ କୀର୍ତ୍ତି ଏ କିଲ୍ଲା ପକ୍ଷେ ବିଶେଷ ଶୋଭନୀୟ ହୋଇଅଛି ! ଉକ୍ତ ଠାକୁର ମନ୍ଦିରପଂକ୍ତି ଦେଉଳ ପରି ଏଠାକାର ନିକଟବର୍ତ୍ତୀ ଗଡ଼ଜାତ କିମ୍ବା ମୋଗଲ ବନ୍ଦିରେ ନ ଥିବାରୁ ଏ କାର୍ଯ୍ୟ ବିଶେଷ ପ୍ରଶଂସାର୍ହ ଅଟେ ।

ବର୍ତ୍ତମାନ ପ୍ରତିଷ୍ଠିତ ରାଜା ସାହେବ ଓ ରାଣୀ ଓ ଠାକୁର ମଣିମା ଓ ରାଜପୁତ୍ର ଓ ରାଜକେମା ୫ ଜଣ କୁଟୁମ୍ବ ଅଛନ୍ତି ।

ଏ କିଲ୍ଲାର ଟ ୮୪୨୲ ଗଭର୍ଣ୍ଣମେଣ୍ଟ ପେସ୍‌କସ୍ ଅଛି ।

୨ । ସର୍ବରାକାରୀ କମିସନ—ଏ କିଲ୍ଲାରେ ବେଶି ପରିମାଣରେ ଖେଲଗି ଜମି ନ ଥିବାରୁ ସର୍ବରାକାରମାନଙ୍କ ମାଲିକାନା କେବଳ ଭୂ-ରାଜସ୍ୱ ଉପରେ ଶତକଡ଼ା ଟ ୧୦୲ ହିସାବରେ ପୂର୍ବେ ଦିଆଯାଇଥିବାରୁ ହାଲ ବନ୍ଦୋବସ୍ତରେ ଭୂ-ରାଜସ୍ୱ ଉପରେ ତଦନୁସାରେ ଶତକଡ଼ା ଟ ୧୦୲ ଓ ବାଜେ କର ଉପରେ ଶତକଡ଼ା ଟ ୫୲ ହିସାବରେ ଦିଆଯାଇଅଛି ।

୩ । କିସ୍ତି—ପୂର୍ବେ ବୈଶାଖ ପୂର୍ଣ୍ଣିମା କ: ୩, ମାର୍ଗଶିର ପୂର୍ଣ୍ଣିମା କ: ୦୨ ଓ ମାଘ ପୂର୍ଣ୍ଣିମା କ: ୩ ଥିଲା,ହାଲ ବନ୍ଦୋବସ୍ତରେ ବୈଶାଖ ପୂର୍ଣ୍ଣିମା କ: ୩, ମାର୍ଗଶିର ପୂର୍ଣ୍ଣିମା କ: ୩, ମାଘ ପୂର୍ଣ୍ଣିମା କ: ୦୨ କରାଯାଇଅଛି ।

୪ । ଏ କିଲ୍ଲାରେ ପୂର୍ବ ପ୍ରଚଳନ ମତେ ପ୍ରଜାମାନେ ନିମ୍ନଲିଖିତ କାର୍ଯ୍ୟମାନ କରିବାକୁ ବାଧ୍ୟ ରହିବେ ।

୧ । ପ୍ରଜାମାନେ ଆବଶ୍ୟକ ମତେ ଷ୍ଟେଟକୁ କୁଲି ଓ ଗାଡ଼ି ଯୋଗାଇବେ ।

୨ । ରାଜବାଟି ଛପରବନ୍ଦି ଓ ମରାମତି କରିବେ ।

୩ । ଶ୍ରୀ ପ୍ରସନ୍ନ ପୁରୁଷୋତ୍ତମ ଦେବଙ୍କ ରଥ ସକାଶେ ଜଙ୍ଗଲରୁ କାଠ ଆଣି ଯୋଗାଇବେ ।

୪ । ଶ୍ରୀଯୁକ୍ତ ରାଜା ସାହେବଙ୍କ ଓ ଗଭର୍ଣ୍ଣମେଣ୍ଟ କର୍ମଚାରୀମାନଙ୍କୁ ଉଚିତ ମୂଲ୍ୟରେ ରସଦ ଯୋଗାଇବେ ।

୫ । ଶ୍ରୀଯୁକ୍ତ ରାଜା ସାହେବଙ୍କ ଜନ୍ମଦିନ (ପୁନିଆନ୍ଦ) ଓ ବିବାହ ଉପଲକ୍ଷେ ଉପସ୍ଥିତ ହେବେ ।

୬ । ରାଜ ବଂଶୀୟମାନଙ୍କର ବ୍ରତୋପନୟନ, ବିବାହ ଓ ଦୁର୍ବଳ କାର୍ଯ୍ୟମାନଙ୍କରେ ଶ୍ରୀଯୁକ୍ତ ରାଜା ସାହେବଙ୍କ ଧାର୍ଯ୍ୟ ମତେ ମାଗଣ ଦେବେ ।

୭ । ପାଇକମାନେ ରାଜା ସାହେବଙ୍କ ପୁନିଆନ୍ଦ, ବ୍ରତୋପନୟନ, ବିବାହ ଓ ଦଶହରାରେ ରାଜବାଟିରେ ଉପସ୍ଥିତ ହେବେ ଓ ରାଜା ସାହେବ ଅନ୍ୟ ସ୍ଥାନକୁ ଗସ୍ତରେ ବିରାଜମାନ କଲେ ଗହଣରେ ଯିବେ ଓ ଉଚିତ ଖୋରାକରେ ଟ୍ରେଜେରି, କଚେରି ଓ ରାଜବାଟୀରେ ପହରା କାର୍ଯ୍ୟ କରିବେ ।

୮ । ସ୍କୁଲ ଘର, ଥାନା, ପୋଷ୍ଟ ଅଫିସ ଓ ସରକାରୀ ଘର ଛପରବନ୍ଦି କରିବେ ଓ ବେଠିରେ ସଡ଼କ ମରାମତି କରିବେ ।

( ସର୍ବରାକାରୀ ଏଗ୍ରିମେଣ୍ଟର ଶରତ )

ଖା: ଦା: ମହକୁମା—ଏଠାରେ ସନ୍ ମସିହାଠାରୁ ଖା: ଦା: ମହକୁମା ଯାଉଅଛି । ସେଥିରେ ତଦାରଖ ନିମନ୍ତେ ଜଣେ କାନୁନଗୋ ମାସିକ ଟ୫୲ଙ୍କା ବେତନରେ ରଖାଯାଇ ଖା: ଦା: ହୁକୁମ ତାମିଲ ରାଜଅଫିସ ମାହାଫିଜଙ୍କ ତତ୍ତ୍ୱାବଧାନରେ ଅନ୍ୟ ଠିକା ମୋହରିରଙ୍କ ଦ୍ୱାରା କରାଯାଇ ଜମାବନ୍ଦି ସ୍ଲିପ ଓ ରୟତି ପଟ୍ଟା ଆଦି ପ୍ରସ୍ତୁତ କରାଯାଉଥିଲା କିନ୍ତୁ ଉକ୍ତ ମହକୁମା ଠିକ୍ ମତେ ରଖାଯିବା ନିମନ୍ତେ ମାସିକ ଟ ଙ୍କା ବେତନରେ ଜଣେ ମୋହରିର ଓ ମାସିକ ଟ ଙ୍କା ବେତନରେ ଜଣେ କାନୁନଗୋ ରଖାଯାଇ ପ୍ରତିସନ ରେଣ୍ଟରୋଲ ମୁକାବିଲାପରି ଖା: ପା: କରାଯିବାର ପ୍ରସ୍ତାବ କରାଯାଉ ଅଛି । ପୂର୍ବେ ଯେଉଁମାନେ ଖା: ଦା ପରିବର୍ତ୍ତନ ପାଇଁ ଦରଖାସ୍ତ କରୁଥିଲେ । ତାହା ପ୍ରଥମେ କାନୁନଗୋ ଦ୍ୱାରା ତଦନ୍ତ କରାଯାଇ ପକ୍ଷଙ୍କ ଆପତ୍ତିମତେ କରାଯାଇଥିବାରୁ ତା ଅନେକ ସ୍ଥଳରେ ସରଜମିନ ସହିତ ଅନୈକ୍ୟ ଥିବାରୁ ଏ ସେଟଲମେଣ୍ଟରେ ଜଣାଯାଇଥିବାରୁ ହାଲକୁ ସମସ୍ତ ପ୍ରକାର ହସ୍ତାନ୍ତର

କାନୁନ୍‌ଗୋ ରେକର୍ଡର ଫଏସଲ ହେବା ପରେ ଓ ଗ୍ରାମବଣ୍ଟନ ଅନ୍ତେ ପରିବର୍ତ୍ତିତ କାନୁନ୍‌ଗୋ ଭବନରେ ଖା: ଦା: କରାଯାଇ ରେକର୍ଡ଼ ନିୟମିତ ରୂପେ ସଂଶୋଧନ କରିବା ପ୍ରସ୍ତାବ କରାଯାଇ ଅନ୍ୟ ଏକ ପ୍ରସ୍ତ ଖତିୟାନ ନକଲ ଖା: ଦା: ମହକୁମା ସଭାରେ ରଖାଯିବା ପାଇଁ ତିଆର କରାଯାଇଅଛି ।

## ୪ର୍ଥ ଅଧ୍ୟାୟ

### କାଳେ ବିଷୟ

୧ । ଏହି ସେଟଲମେଣ୍ଟ ସନ ୧୯୩୧ ମସିହା ଜାନୁୟାରି ତାରିଖରେ ଆରମ୍ଭ କରାଯାଇ ତା ରିଖରେ ଶେଷହେଲା । ପୂର୍ବେ ଏହା ଭଉଁରିଆ ମାପଥିବାରୁ ହାଲକୁ ସିସ୍ତିଓ ପ୍ଲେନ୍ ଟେବୁଲ ସାହାଯ୍ୟରେ କସ୍ତିଓ୍ୟାର ସର୍ଭେ କରାଯାଇଅଛି । ଖାନାପୁରି ସମୟରେ କେତେକ ଅମିନ ଅନୁପଯୁକ୍ତଥିବାରୁ ସେଥିରେ ଗୋଟିଏ ବଡ଼ ମୌଜାର ଅଧିକାଂଶ ଅଂଶ ସାନ ଖାନାପୁରି କରାଯାଇଥିବାରୁ ସେଥିରେ କାର୍ଯ୍ୟକାଳ ବିଳମ୍ବ ହୋଇଅଛି । ରାଜ ଅଫିସ ମାହାଫିସ ଖାନାରୁ ଯେ ଶଠା ଭଉଁରିଆ ହାଲ ଦା: ଖା: ସଂଶୋଧନ କରାଯାଇ ଖାନାପୁରି କରିବା ସକାଶେ ଦିଆଯାଇଥିଲା । ତାହା ସାବକ ଖତିୟାନ ସହିତ ମେଳ ନହୋଇ କେତେକ ସ୍ଥଳରେ ପ୍ରଭେଦଥିବା ଓ ଗତ ବନ୍ଦୋବସ୍ତ ପରେ ପ୍ରଜାମାନଙ୍କ ଆପତ୍ତିମତେ ଖା: ଦା: ପରିବର୍ତ୍ତିତ ସବୁ ପ୍ରଜାମାନଙ୍କ ପଟ୍ଟା ସଂଶୋଧନ କରାଯାଇ ଅଫିସ ରେକର୍ଡ଼ ସଂଶୋଧନ ହୋଇନଥିବା ଓ ମାହାଫିଜ ଖାନା କାଗଜ ଖସଡ଼ା ଖତିୟାନ ଓଗେର ନିତାନ୍ତ ଜୀର୍ଣ୍ଣଶୀର୍ଣ୍ଣ ହୋଇ ଯାଇଥିବାରୁ ସାବକ ଖତିୟାନ ନକଲ ମାହାଫିଜ ଖାନାରୁ ନିଆଯାଇ ଆଟେଷ୍ଟେସନରେ ତାହା ମୁକାବିଲାପର ଆଟେଷ୍ଟେସନ ହୋଇଥିବା ଓ ଅଧିକାଂଶ ମୋହରର ଆଟେଷ୍ଟେସନ କାର୍ଯ୍ୟ ମଧ୍ୟଭାଗରେ ଛୁଟିନେଇ ଯାଇ ଫେରି ନଥିବା ଓ ଷ୍ଟେଟର ଆର୍ଥିକ ଅବସ୍ଥା ଭଲନଥିବାରୁ ନିୟମିତ ରୂପେ ବେତନ ଆଦି ଦିଆଯାଇ ପାରି ନଥିବାରୁ ସେଥିସକାଶେ ଆଟେଷ୍ଟେସନରେ କାଳବିଳମ୍ବ ଘଟିଅଛି । ଏହାବାଦ ସେଟଲମେଣ୍ଟ ସମୟ ମଧ୍ୟରେ ଭୂତପୂର୍ବ ରାଜାସାହେବ ପିଡ଼ିତ ହୋଇ ପରିଶେଷରେ ତାଙ୍କର ପରଲୋକ ହୋଇଥିବାରୁ ସେଥିରେ ଷ୍ଟେଟ୍ ବହୁ ଖର୍ଚ୍ଚାନ୍ତ ହୋଇଥିବା ଯୋଗେ ସେଟଲମେଣ୍ଟ ଯଥାସାଧ୍ୟ ଓ ସମୟ ମଧ୍ୟରେ କାର୍ଯ୍ୟ ହୋଇ ପାରିନାହିଁ । କିମ୍ବା ନିୟମିତ ରୂପେ କର୍ମଚାରୀମାନଙ୍କୁ ବେତନ ଆଦି ଦିଆଯାଇ ପାରି ନଥିଲା । ପରେ କ୍ରମେ କ୍ରମେ ବେତନ ସବୁ ଦିଆଯାଇଅଛି ।

୨ । ଏ ସେଟଲମେଣ୍ଟ କାର୍ଯ୍ୟ ସକାଶେ ଅନୁଗୁଳ ଡେପୁଟି କମିଶନର ଅଫିସରୁ ମଂଯୁଟେସନ ପେଷ୍କାର ଶ୍ରୀ ବସନ୍ତ ମହାପାତ୍ର ଯେକି ବଉଦ୍ଧ ଜିଲ୍ଲାରେ ଆ: ସେ: ଅଫିସର କାର୍ଯ୍ୟ କରିଥିଲେ ତାହାଙ୍କୁ ଡେପୁଟେସନରେ ଅଣାଯାଇଥିବାରେ ସେ ତା୧୩।୧୨।୩୧ ରିଖରେ ଏଠାରେ ଜଏନ କରି ତା ୬।୧୦।୧୯୩୩ ରିଖ ପର୍ଯ୍ୟନ୍ତ କାର୍ଯ୍ୟ ନିର୍ବାହ କରି ଅଛନ୍ତି ସେ ତାଙ୍କ କାର୍ଯ୍ୟକୁ ଫେରିଯିବାପରେ ଅଫିସରେ ନିମ୍ନଲିଖିତକାର୍ଯ୍ୟମାନ ବାକିଥିବାରୁ ତାହା ରାଜ ଅଫିସ ତତ୍ତ୍ୱାବଧାନରେ ନିଷ୍ପତ୍ତି କରାଯାଇଅଛି ।

୧ । କେତେକ ମୌଜା ଖତିୟାନ ଓ ରଯୃତ ପଟ୍ଟା ମୁକାବିଲା ।

୨ । କତୁଡ଼ା ମୌଜା ନକ୍‌ସା ଗ୍ଲାସିଂ ।

୩ । ସମସ୍ତ ମୌଜାର ଫାଇନାଲ ନକ୍‌ସା ଟ୍ରେସିଂ ।

୪ । ସଦର ଜମିଜ ପ୍ରସ୍ତୁତ ।

୫ । କମ୍ପ୍ଲିସନ ରିପୋର୍ଟ ଫିଗର ପ୍ରସ୍ତୁତ କରିବା ।

୬ । ଶ୍ରୀ ପଣ୍ଡିତ ପୁରୁଷୋତ୍ତମ ଦେବଙ୍କ ରେଜେଷ୍ଟର ପ୍ରସ୍ତୁତ ।

୭ । ରାଜ ଖମାର ରେଜେଷ୍ଟର ପ୍ରସ୍ତୁତ ।

୮ । ଚୌକିଦାର ଯାଗିର ରେଜେଷ୍ଟର ପ୍ରସ୍ତୁତ ।

୯ । ପର୍ଚ୍ଚା ବଣ୍ଟନ ।

୧୦ । ରାଜଅଫିସ ମାହାଫିଜ ଖାନାରେ ଦାଖଲ ପାଇଁ ନଥି ସବୁ ଜିରସ୍ତ ।

୧୧ । ରେକର୍ଡ଼ ସବୁ ରାଜଅଫିସ ମାହାଫିଜ ଖାନାରେ ଦାଖଲ ।

୧୨ । ଏକାଉଣ୍ଟ ଚେକ୍ ।

୧୩ । ନକଲ ଖତିୟାନ ବଣ୍ଟାଇ ।

୧୪ । ଏକପଦିଆ ପାରି ।

୧୫ । ସର୍ବରାକାର ମୁକରର ଓ ଏଗ୍ରିମେଣ୍ଟ ଦାଖଲ ।

୧୬ । କମ୍ପ୍ଲିସନ ରିପୋର୍ଟ ।

୩ । ସେଟଲମେଣ୍ଟରେ ବନାନ୍ତିମତ ଓଗେର ଆକଣ୍ଟାକ୍ସିୟ ଫଏସଲ ଭାର ଷ୍ଟେଟର ୨ୟ ଶ୍ରେଣୀ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ବାବୁ ଭଗବତ ପ୍ରସାଦ ପଟ୍ଟନାୟକଙ୍କୁ ଦିଆଯାଇଥିବାରେ ସେ ମହୋଦୟ ଉକ୍ତ କାର୍ଯ୍ୟ କରିଅଛନ୍ତି । ଏହାଙ୍କ କାର୍ଯ୍ୟ ସମ୍ବନ୍ଧେ ମନ୍ତବ୍ୟ:—

ଆସିଷ୍ଟାଣ୍ଟ ସେଟଲମେଣ୍ଟ ଅଫିସର ବାବୁ ବସନ୍ତ ମହାପାତ୍ରଙ୍କ କାର୍ଯ୍ୟ ସମ୍ବନ୍ଧେ ମନ୍ତବ୍ୟ—

ଷ୍ଟେଟର ଆୟ ନିତାନ୍ତ କମଥିବାରୁ ଖୁବ୍ କମରେ ବଜେଟ କରାଯାଇ ଥିବାରେ ଉପଯୁକ୍ତ ଅମିନ ଓ ମୋହରର ସବୁ ରଖାଯିବା ପାଇଁ ଖର୍ଚ୍ଚର ଅକୁଳାନ ଯୋଗେ ସ୍ଥାନୀୟ କେତେ ଗୁଡ଼ିଏ ଯୁବକ ବ୍ୟକ୍ତିମାନଙ୍କୁ କାର୍ଯ୍ୟ ଶିକ୍ଷା ଦିଆଯାଇ ସେମାନଙ୍କ ଦ୍ୱାରା କାର୍ଯ୍ୟ କରାଇ ନିଆଯାଇଅଛି । ସେଥିସକାଶେ ଅନେକ କାର୍ଯ୍ୟ ଅଳ୍ପ ବେତନରେ କରାଯାଇ ଥିଲେ ସୁଦ୍ଧା ତାହା ଷ୍ଟେଟ ପ୍ରତି ଭାରବହ ହୋଇଅଛି ।

ଷ୍ଟେଟ୍ କର୍ମଚାରୀ ମଧ୍ୟରୁ ଷ୍ଟେଟ୍ କାନୁନ୍‌ଗୋଙ୍କୁ ସେଟଲମେଣ୍ଟ ଇଲାକାରେ କାର୍ଯ୍ୟର ତତ୍ତ୍ୱ ନେବାପାଇଁ ପଠାଯାଇ ଥିବାରୁ ସେ ସେଥିରେ ଦକ୍ଷତା ସହିତ କାର୍ଯ୍ୟ କରୁଅଛନ୍ତି । ଏବାଦ୍ ଷ୍ଟାମ୍ପ୍ ଲେଖ ଯେ, ଯେ ବ୍ୟକ୍ତିମାନେ କାର୍ଯ୍ୟ କରୁଅଛନ୍ତି ସେମାନଙ୍କ ମଧ୍ୟରୁ:—

୧ । ବାବୁ ବଶିନ ବାହୁବ ପଟ୍ଟନାୟକ

୨ । ବାବୁ ଦାଶରଥ ସିଂହ ସାମନ୍ତ

୩ । ବାବୁ ନଗୋରଚନ୍ଦ୍ର ପଟ୍ଟନାୟକ ମାନଙ୍କର କାର୍ଯ୍ୟ ପ୍ରଶଂସା ଜନକ ଅଟେ । ସେମାନଙ୍କୁ ଏ କ୍ଷୁଦ୍ର କାଳ ଯୋଗେ ଉପଯୁକ୍ତ ଚେଷ୍ଟା ଦିଆଯାଇ ପାରିନାହିଁ । ସମୟରେ ଖାଲି ହେଲେ ବହାଲ କରିଯିବା ପାଇଁ ପ୍ରସ୍ତାବ ଅଛି । ସେମାନଙ୍କୁ ଅନ୍ୟ ବଡ଼ ଷ୍ଟେଟ୍‌ରେ ଯୋଗ୍ୟତାନୁସାରେ କୌଣସି କାର୍ଯ୍ୟ ଦିଆଯିବା ପାଇଁ ଅନୁରୋଧ କରୁ, ତାହା ବହାଲରେ ଜଣାଯିବ ।

ବିଦେଶୀ ବ୍ୟକ୍ତି ମାନଙ୍କ ମଧ୍ୟରୁ ୧ । ବାବୁ ରଧାମୋହନ ମହାନ୍ତି

୨ । ବାବୁ ଘନଶ୍ୟାମ ମହାନ୍ତି

୩ । ବାବୁ ବୃନ୍ଦାବନ ପଟ୍ଟନାୟକ ମାନେ ଉତ୍ତମ କାର୍ଯ୍ୟ କରୁଅଛନ୍ତି ।

PRINTED AT THE ORISSA GOVERNMENT PRESS, MADHUPATNA, CUTTACK-3